Adda247 GET IT ON Google Play

# Question Paper Preview

**Notations :**
1.Options shown in green color and with ✔ icon are correct.
2.Options shown in red color and with ✖ icon are incorrect.

| | |
|---|---|
| **Question Paper Name :** | Paper II Oriya |
| **Subject Name :** | Paper II Oriya |
| **Duration :** | 150 |
| **Change Font Color :** | No |
| **Change Background Color :** | No |
| **Change Theme :** | No |
| **Help Button :** | No |
| **Show Reports :** | No |
| **Show Progress Bar :** | No |

## Paper II Oriya

| | |
|---|---|
| **Group Number :** | 1 |
| **Group Id :** | 441009706380 |
| **Group Maximum Duration :** | 0 |
| **Group Minimum Duration :** | 150 |
| **Show Attended Group? :** | No |
| **Edit Attended Group? :** | No |
| **Break time :** | 0 |
| **Group Marks :** | 300 |

## Paper II Oriya

| | |
|---|---|
| **Section Id :** | 441009711615 |
| **Section Number :** | 1 |
| **Section type :** | Online |
| **Mandatory or Optional :** | Mandatory |
| **Number of Questions :** | 150 |
| **Number of Questions to be attempted :** | 150 |
| **Section Negative Marks :** | 0.66 |
| **Maximum Instruction Time :** | 0 |
| **Sub-Section Number :** | 1 |
| **Sub-Section Id :** | 441009713987 |
| **Question Shuffling Allowed :** | Yes |

Adda247

Adda247

Test Prime

ALL EXAMS, ONE SUBSCRIPTION

80,000+ Mock Tests

Personalised Report Card

Unlimited Re-Attempt

600+ Exam Covered

20,000+ Previous Year Papers

500% Refund

IBPS

NABARD

ATTEMPT FREE MOCK NOW

Adda247 GET IT ON Google Play

**Question Number : 1 Question Id : 441009989609 Question Type : MCQ**
**Correct Marks : 2 Wrong Marks : 0.66**

ନିମ୍ନୋକ୍ତ ମଧ୍ୟରୁ କେଉଁମାନେ ଚର୍ଯ୍ୟାପଦର ଗବେଷକ ଓ ସଂଗ୍ରାହକ?
କ) କରୁଣାକର କର
ଖ) ଗୋପୀନାଥ ନନ୍ଦଶର୍ମା
ଗ) ହରପ୍ରସାଦ ଶାସ୍ତ୍ରୀ
ଘ) ମୃତ୍ୟୁଞ୍ଜୟ ରଥ

**Options :**

1. ✖ କେବଳ 'କ'ର ଉତ୍ତରଟି ଠିକ୍
2. ✔ 'କ' ଓ 'ଗ' ଉଭୟର ଉତ୍ତର ଠିକ୍
3. ✖ କେବଳ 'ଖ' ଠିକ୍
4. ✖ ସମସ୍ତ ଉତ୍ତର ଠିକ୍

**Question Number : 2 Question Id : 441009989611 Question Type : MCQ**
**Correct Marks : 2 Wrong Marks : 0.66**

'ଉରଜାମ' ଶିଳାଲେଖ କେଉଁ ଲିପିରେ ଲିଖିତ ?

**Options :**

1. ✖ ବ୍ରାହ୍ମୀ
2. ✖ କୁଟୀଳ
3. ✔ ନାଗରୀ
4. ✖ ବର୍ତ୍ତୁଳ

**Question Number : 3 Question Id : 441009989613 Question Type : MCQ**
**Correct Marks : 2 Wrong Marks : 0.66**

ଚର୍ଯ୍ୟାଗୀତିକାକୁ 'ହାଜାର ବଚ୍ଛରେର ପୁରୋନୋ ବାଙ୍ଗଲା ଭାଷାୟ ବୌଦ୍ଧଗାନ ଓ ଦୋହା' ବୋଲି କିଏ କହିଛନ୍ତି ?

**Options :**

1. ✖ ସୁନୀତି କୁମାର ଚାଟାର୍ଜୀ
2. ✖ ଡକ୍ଟର କରୁଣାକର କର
3. ✖ ବିନୟତୋଷ ଭଟ୍ଟାଚାର୍ଯ୍ୟ
4. ✔ ହରପ୍ରସାଦ ଶାସ୍ତ୍ରୀ

Adda247
GET IT ON Google Play

**Question Number : 4 Question Id : 441009989608 Question Type : MCQ**
**Correct Marks : 2 Wrong Marks : 0.66**

ନିମ୍ନୋକ୍ତ ମଧ୍ୟରୁ କେଉଁ ଓଡ଼ିଆ ଶବ୍ଦଗୁଡ଼ିକ ଉରଜାମ ଶିଳାଲେଖରେ ଦେଖିବାକୁ ମିଳେ ?
କ) କୁମ୍ଭାର
ଖ) ମାଣିଚ
ଗ) ଗଡ
ଘ) ସମ୍ରାଟ

**Options :**

1. ✗ କେବଳ 'କ' ଠିକ୍
2. ✓ 'ଖ' ଓ 'ଗ' ଉଭୟ ଠିକ୍
3. ✗ 'କ', 'ଖ', 'ଗ', 'ଘ' ସମସ୍ତ ଠିକ୍
4. ✗ କେବଳ 'ଗ' ଠିକ୍

**Question Number : 5 Question Id : 441009989612 Question Type : MCQ**
**Correct Marks : 2 Wrong Marks : 0.66**

'ଔଡ୍ରୀ ବିଭାଷା' ସଂପର୍କରେ କେଉଁଥିରେ ଉଲ୍ଲେଖ ଅଛି ?

**Options :**

1. ✓ ନାଟ୍ୟଶାସ୍ତ୍ର
2. ✗ ଅଷ୍ଟାଧ୍ୟାୟୀ
3. ✗ ପ୍ରାକୃତ ସର୍ବସ୍ୱ
4. ✗ ଅଳଙ୍କାର ଶାସ୍ତ୍ର

**Question Number : 6 Question Id : 441009989614 Question Type : MCQ**
**Correct Marks : 2 Wrong Marks : 0.66**

'କ'ସ୍ତମ୍ଭ ସହ 'ଖ' ସ୍ତମ୍ଭର ସଠିକ୍ ସଂଯୋଗଟିକୁ ଦର୍ଶାଅ ?

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧) ଧର୍ମରାଜ ସୁମଣ୍ଡଳଙ୍କ ଲେଖ | କ) ୬୧୯ |
| ୨) ମାଧବ ବର୍ମାଙ୍କ ତାମ୍ରଶାସନ | ଖ)୧୦ମ ଶତାବ୍ଦୀ |
| ୩) ଅନନ୍ତ ବର୍ମା ଦେବ ତାମ୍ରଶାସନ | ଗ) ୧୦୫୧ |
| ୪) ଉରଜାମ ଶିଳାଲେଖ | ଘ) ୫୬୯ |

**Options :**

1. ✓ ୧-ଘ, ୨-କ, ୩-ଖ, ୪-ଗ
2. ✗ ୧-କ, ୨-ଖ, ୩-ଗ, ୪-ଘ
3. ✗ ୨-କ, ୩-ଖ, ୪-ଘ, ୫-ଗ
4. ✗ ୧-କ, ୨-ଗ, ୩-ଘ, ୪-ଖ

Adda247 GET IT ON Google Play

**Question Number : 7 Question Id : 441009989610 Question Type : MCQ**
**Correct Marks : 2 Wrong Marks : 0.66**

‘ଓଡ଼ିଆ ତେଲଙ୍ଗୀ ଯେ ନାଗେରୀ ଦକ୍ଷିଣୀ’ – ପଙ୍କ୍ତିଟି କେଉଁ ଗ୍ରନ୍ଥରୁ ଉଦ୍ଧୃତ?

**Options :**

1. ✗ ଚଣ୍ଡୀପୁରାଣ
2. ✓ ସାରଳା ମହାଭାରତ
3. ✗ ରୁଦ୍ରସୁଧାନିଧି
4. ✗ ଭାଗବତ

**Question Number : 8 Question Id : 441009989607 Question Type : MCQ**
**Correct Marks : 2 Wrong Marks : 0.66**

କେଉଁଟି ଦ୍ୱିଭାଷିକ ଶିଳାଲେଖ ?

**Options :**

1. ✗ ଉରଜାମ୍
2. ✓ ଭୁବନେଶ୍ୱର ଶିଳାଲେଖ
3. ✗ ମାଧବ ବର୍ମା ତାମ୍ର ଶାସନ
4. ✗ ହାତୀଗୁମ୍ଫା

**Question Number : 9 Question Id : 441009989615 Question Type : MCQ**
**Correct Marks : 2 Wrong Marks : 0.66**

‘ଫରମାଣ’ ଶବ୍ଦଟି କେଉଁ ଶବ୍ଦ ଅନ୍ତର୍ଗତ ?

**Options :**

1. ✓ ଯାବନିକ
2. ✗ ପର୍ତ୍ତୁଗୀଜ
3. ✗ ଦେଶଜ
4. ✗ ଦ୍ରାବିଡ଼

Adda247

**Question Number : 10 Question Id : 441009989620 Question Type : MCQ**
**Correct Marks : 2 Wrong Marks : 0.66**

'ଫରମାଣ' ଦେଇଛନ୍ତି ହେମନ୍ତ ରାଜନ
ଫାଇ କେତେ କହିବା ଗୋ ସେହୁ ବଡ଼ ଜଣ । - ଏହି ଉକ୍ତିଟିରେ 'ଫରମାଣ' ଶବ୍ଦର ପ୍ରୟୋଗ ପ୍ରଥମେ କେଉଁଥିରେ ହୋଇଅଛି ?

**Options :**

1. ✔ କଳସା ଚଉତିଶା
2. ✖ ପ୍ରେମଭକ୍ତି ବ୍ରହ୍ମଗୀତା
3. ✖ କିଶୋର ଚନ୍ଦ୍ରାନନ ଚମ୍ପୂ
4. ✖ ରୁଦ୍ର ସୁଧାନିଧି

**Question Number : 11 Question Id : 441009989683 Question Type : MCQ**
**Correct Marks : 2 Wrong Marks : 0.66**

'ଅନ୍ୟ ଅରଣ୍ୟ'ର ଗାଳ୍ପିକ କିଏ ?

**Options :**

1. ✔ ବୀଣାପାଣି ମହାନ୍ତି
2. ✖ ମନୋଜ ଦାସ
3. ✖ ଶାନ୍ତନୁ କୁମାର ଆଚାର୍ଯ୍ୟ
4. ✖ ପ୍ରତିଭା ରାୟ

**Question Number : 12 Question Id : 441009989685 Question Type : MCQ**
**Correct Marks : 2 Wrong Marks : 0.66**

ଏଥିମଧ୍ୟରୁ କେଉଁଟି ଶରତ କୁମାର ମହାନ୍ତିଙ୍କ ପ୍ରବନ୍ଧ ପୁସ୍ତକ ?

**Options :**

1. ✔ ସଂସ୍କୃତି ଓ ଅପସଂସ୍କୃତି
2. ✖ ଦୃଷ୍ଟି ଓ ଦର୍ଶନ
3. ✖ ଶିଳା ଓ ଶାଳଗ୍ରାମ
4. ✖ ସମାଜ ଓ ସାହିତ୍ୟ

Adda247 GET IT ON Google Play

**Question Number : 13 Question Id : 441009989616 Question Type : MCQ**
**Correct Marks : 2 Wrong Marks : 0.66**

'ରବର' ଶବ୍ଦଟି କେଉଁ ଭାଷାରୁ ଓଡ଼ିଆକୁ ପ୍ରବେଶ କରିଛି ?

**Options :**

1. ✖ ପର୍ତ୍ତୁଗୀଜ
2. ✖ ଆରବିକ୍
3. ✔ ଇଂରାଜୀ
4. ✖ ଦେଶଜ

**Question Number : 14 Question Id : 441009989619 Question Type : MCQ**
**Correct Marks : 2 Wrong Marks : 0.66**

'ଆଡି' ଶବ୍ଦଟି କେଉଁ ଶବ୍ଦ ଅନ୍ତର୍ଗତ ?

**Options :**

1. ✖ ପାର୍ସୀ
2. ✔ ଦ୍ରାବିଡ଼
3. ✖ ପର୍ତ୍ତୁଗୀଜ
4. ✖ ଆରବିକ୍

**Question Number : 15 Question Id : 441009989621 Question Type : MCQ**
**Correct Marks : 2 Wrong Marks : 0.66**

ଓଡ଼ିଆ ଭାଷାରେ ୩୦ଟି ପର୍ତ୍ତୁଗୀଜ ଶବ୍ଦ ଅଛି ବୋଲି ପ୍ରଥମେ କିଏ ମତ ଦେଇଥିଲେ ?

**Options :**

1. ✖ ଜେ.ଏ. କାମ୍ପୋସ
2. ✔ ଏମ୍.ଏସ୍. ଆର ଡାଲଗାଡୋ
3. ✖ ଗୋପୀନାଥ ନନ୍ଦଶର୍ମା
4. ✖ ଖଗେଶ୍ୱର ମହାପାତ୍ର

**Question Number : 16 Question Id : 441009989629 Question Type : MCQ**
**Correct Marks : 2 Wrong Marks : 0.66**

'ହରିଆ' ଶବ୍ଦଟି କେଉଁ ଅର୍ଥରେ ତଦ୍ଧିତରେ ଦର୍ଶାଯାଇଛି ?

**Options :**

1. ✖ ଜାତ ଅର୍ଥରେ
2. ✔ ଅନାଦର ଅର୍ଥରେ
3. ✖ ସ୍ୱ ଅର୍ଥରେ
4. ✖ କ୍ଷୁଦ୍ରାର୍ଥରେ

Question Number : 17 Question Id : 441009989624 Question Type : MCQ
Correct Marks : 2 Wrong Marks : 0.66

'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ପ୍ରତ୍ୟୟଗୁଡ଼ିକର ସଠିକ୍ ସଂଯୋଗ ଦର୍ଶାଅ ?

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧- ଦୟାଳୁ | କ) 'ଉର' ପ୍ରତ୍ୟୟ |
| ୨-ଭାସୁର | ଖ) 'ଉ' ପ୍ରତ୍ୟୟ |
| ୩- ସ୍ନେର | ଗ) 'ଆଳୁ' ପ୍ରତ୍ୟୟ |
| ୪- ଭିକ୍ଷୁ | ଘ) 'ର' ପ୍ରତ୍ୟୟ |

Options :

1. ✔ ୧-ଗ, ୨-କ, ୩-ଘ, ୪-ଖ
2. ✖ ୨-ଗ, ୧-ଘ, ୩-ଖ, ୪-କ
3. ✖ ୩-କ, ୨-ଗ, ୧-ଖ, ୪-ଘ
4. ✖ ୪-କ, ୩-ଖ, ୨-ଗ, ୧-ଘ

Question Number : 18 Question Id : 441009989623 Question Type : MCQ
Correct Marks : 2 Wrong Marks : 0.66

'ଗାନ' ଶବ୍ଦର ପ୍ରକୃତି ପ୍ରତ୍ୟୟ ନିର୍ଣ୍ଣୟ କଲେ ହେବ -

Options :

1. ✖ ଗା+ଅନ
2. ✖ ଗ+ଆ+ଅନ
3. ✖ ଗୈ+ଅ+ଅନ
4. ✔ ଗୈ+ଅନ

Question Number : 19 Question Id : 441009989625 Question Type : MCQ
Correct Marks : 2 Wrong Marks : 0.66

'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ପ୍ରତ୍ୟୟଗୁଡ଼ିକର ସଠିକ୍ ସଂଯୋଗ ଦର୍ଶାଅ ?

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧- ଧନଶାଳୀ | କ) 'ଶାଳିନ୍' ପ୍ରତ୍ୟୟ |
| ୨- ମେଧାବୀ | ଖ) 'ବିନ' ପ୍ରତ୍ୟୟ |
| ୩- ଗୃହବତ୍ | ଗ) 'ଳ' ପ୍ରତ୍ୟୟ |
| ୪- ଗ୍ରନ୍ଥିଳ | ଘ) 'ବତ୍' ପ୍ରତ୍ୟୟ |

Options :

1. ✔ ୧-କ, ୨-ଖ, ୩-ଘ, ୪-ଗ
2. ✖ ୧-ଖ, ୨-କ, ୩-ଗ, ୪-ଘ
3. ✖ ୧-ଗ, ୨-ଖ, ୩-କ, ୪-ଗ
4. ✖ ୧-ଘ, ୨-ଗ, ୩-କ, ୪-ଖ

Adda247 GET IT ON Google Play

**Question Number : 20 Question Id : 441009989626 Question Type : MCQ**
**Correct Marks : 2 Wrong Marks : 0.66**

ମିତ୍ର+ଏୟ ପ୍ରକୃତି ପ୍ରତ୍ୟୟ ଦ୍ୱାରା ଗଠିତ ଶବ୍ଦଟି ନିମ୍ନୋକ୍ତ ମଧ୍ୟରୁ କେଉଁଟି?

**Options :**

1. ✗ ମିତ୍ରେୟ
2. ✗ ମୀତ୍ରେୟ
3. ✗ ମୈତ୍ରୟ
4. ✓ ମୈତ୍ରେୟ

**Question Number : 21 Question Id : 441009989632 Question Type : MCQ**
**Correct Marks : 2 Wrong Marks : 0.66**

'ଆକାଶ ଠୁଁ ବଡ଼ ପିତା' – ବାକ୍ୟଟିରେ ରେଖାଙ୍କିତ ପଦଟିର ବିଭକ୍ତି ଚିହ୍ନଟ କର।

**Options :**

1. ✓ ପଞ୍ଚମୀ ବିଭକ୍ତି
2. ✗ ଚତୁର୍ଥୀ ବିଭକ୍ତି
3. ✗ ତୃତୀୟା ବିଭକ୍ତି
4. ✗ ସପ୍ତମୀ ବିଭକ୍ତି

**Question Number : 22 Question Id : 441009989630 Question Type : MCQ**
**Correct Marks : 2 Wrong Marks : 0.66**

ମୁଁ ଜାତିରେ ବ୍ରାହ୍ମଣ – ରେଖାଙ୍କିତ ପଦଟିର ବିଭକ୍ତି ଚିହ୍ନଟ କର।

**Options :**

1. ✗ ପ୍ରଥମା ବିଭକ୍ତି
2. ✓ ତୃତୀୟା ବିଭକ୍ତି
3. ✗ ପଞ୍ଚମୀ ବିଭକ୍ତି
4. ✗ ସପ୍ତମୀ ବିଭକ୍ତି

Adda247

Adda247 GET IT ON Google Play

**Question Number : 23 Question Id : 441009989633 Question Type : MCQ**
**Correct Marks : 2 Wrong Marks : 0.66**

ଦେଶ ବିଦେଶରେ ଖ୍ୟାତି – ବାକ୍ୟଟିରେ ରେଖାଙ୍କିତ ପଦଟିର ବିଭକ୍ତି ଚିହ୍ନଟ କର।

**Options :**

1. ✖ ପଞ୍ଚମୀ ବିଭକ୍ତି
2. ✖ ଚତୁର୍ଥୀ ବିଭକ୍ତି
3. ✖ ତୃତୀୟା ବିଭକ୍ତି
4. ✔ ସପ୍ତମୀ ବିଭକ୍ତି

**Question Number : 24 Question Id : 441009989635 Question Type : MCQ**
**Correct Marks : 2 Wrong Marks : 0.66**

'ଋଣରୁ ମୁକ୍ତି' – ବାକ୍ୟଟିରେ ରେଖାଙ୍କିତ ପଦଟିର କାରକ ଚିହ୍ନଟ କର ।

**Options :**

1. ✔ ଅପାଦାନ କାରକ
2. ✖ କର୍ତ୍ତୃକାରକ
3. ✖ କର୍ମକାରକ
4. ✖ ସମ୍ପ୍ରଦାନ କାରକ

**Question Number : 25 Question Id : 441009989636 Question Type : MCQ**
**Correct Marks : 2 Wrong Marks : 0.66**

ଭିନ୍ନାର୍ଥକ ଯୋଗରେ କେଉଁ ବିଭକ୍ତି ହୁଏ ?

**Options :**

1. ✔ ପଞ୍ଚମୀ
2. ✖ ଦ୍ୱିତୀୟା
3. ✖ ତୃତୀୟା
4. ✖ ଚତୁର୍ଥୀ

Adda247

Adda247 GET IT ON Google Play

**Question Number : 26 Question Id : 441009989637 Question Type : MCQ**
**Correct Marks : 2 Wrong Marks : 0.66**

ନିମ୍ନୋକ୍ତ ଉଦାହରଣ ମଧ୍ୟରୁ କେଉଁଗୁଡ଼ିକ ସପ୍ତମୀ ବିଭକ୍ତିଯୁକ୍ତ ଦର୍ଶାଅ ?
(କ) ସଂଗୀତରେ ନିପୁଣ
ଖ) ଋତୁମାନଙ୍କ ମଧ୍ୟରେ ବସନ୍ତ ଋତୁ ଶ୍ରେଷ୍ଠ
ଗ) ଲୋଭରୁ ପାପ
ଘ) ଶଠକୁ ଶାଠ୍ୟ ଦରକାର

**Options :**

1. ✔ କେବଳ 'କ' ଓ 'ଖ' ଠିକ୍
2. ✖ 'କ', 'ଖ', 'ଗ' ଠିକ୍
3. ✖ କେବଳ 'କ' ଠିକ୍
4. ✖ ଏମାନଙ୍କ ମଧ୍ୟରୁ କୌଣସିଟି ନୁହେଁ

**Question Number : 27 Question Id : 441009989631 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ସଠିକ୍ ସଂଯୋଗ ଦର୍ଶାଅ ?

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧) ନିମିତ୍ତ | କ) ଚତୁର୍ଥୀ ବିଭକ୍ତି |
| ୨) ଦେହି | ଖ) ପଞ୍ଚମୀ ବିଭକ୍ତି |
| ୩) ଠଉଁ | ଗ) ତୃତୀୟା ବିଭକ୍ତି |
| ୪) ଠେଇଁ | ଘ) ସପ୍ତମୀ ବିଭକ୍ତି |

**Options :**

1. ✖ ୧-ଖ, ୨-କ, ୩-ଗ, ୪-ଘ
2. ✔ ୧-କ, ୨-ଗ, ୩-ଖ, ୪-ଘ
3. ✖ ୧-ଗ, ୨-କ, ୩-ଘ, ୪-ଖ
4. ✖ ୧-ଘ, ୨-ଗ, ୩-କ, ୪-ଖ

Adda247

Adda247 GET IT ON Google Play

**Question Number : 28 Question Id : 441009989642 Question Type : MCQ**
**Correct Marks : 2 Wrong Marks : 0.66**

ନିମ୍ନ ସମୋଚ୍ଚାରିତ ଶବ୍ଦ ମଧ୍ୟରୁ କେଉଁଟିର ଅର୍ଥ 'ବୈକୁଣ୍ଠ' ?
କ) କୁଜନ
ଖ)କୂଜନ
ଗ) ଗୋଲକ
ଘ) ଗୋଲୋକ

**Options :**

1. ✔ କେବଳ 'ଘ' ଠିକ୍
2. ✖ କେବଳ 'ଖ' ଠିକ୍
3. ✖ 'କ' ଓ 'ଘ' ଉଭୟ ଠିକ୍
4. ✖ ଏଥିମଧ୍ୟରୁ କୌଣସିଟି ନୁହେଁ

**Question Number : 29 Question Id : 441009989639 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ଅର୍ଥର ସଠିକ୍ ସଂଯୋଗଟିକୁ ଦର୍ଶାଅ

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧) ଆୟତ | କ) ଆଚ୍ଛାଦିତ |
| ୨) ଆବୃତ | ଖ) ବିସ୍ତୃତ |
| ୩) ଅବଦାନ | ଗ) ଉପକରଣ |
| ୪) ଉପାଦାନ | ଘ) ମହତ କର୍ମ |

**Options :**

1. ✖ ୧-ଗ, ୨-ଘ, ୩-କ, ୪-ଖ
2. ✖ ୧-କ, ୨-ଖ, ୩-ଗ, ୪-ଘ
3. ✔ ୧-ଖ, ୨-କ, ୩-ଘ, ୪-ଗ
4. ✖ ୧-କ, ୨-ଗ, ୩-କ, ୪-ଘ

**Question Number : 30 Question Id : 441009989644 Question Type : MCQ**
**Correct Marks : 2 Wrong Marks : 0.66**

'ଜନ୍ମାନ୍ଧ' ଶବ୍ଦଟି କେଉଁ ସମାସ ଅନ୍ତର୍ଗତ ଚିହ୍ନଟ କର ।

**Options :**

1. ✖ କର୍ମଧାରୟ
2. ✔ ତତ୍ପୁରୁଷ
3. ✖ ଅବ୍ୟୟୀ ସମାସ
4. ✖ ଅଲୁକ୍ ସମାସ

Adda247

GET IT ON Google Play

**Question Number : 31 Question Id : 441009989641 Question Type : MCQ**
**Correct Marks : 2 Wrong Marks : 0.66**

'ପରସ୍ପର' ଶବ୍ଦଟିର ସମାସ ଚିହ୍ନଟ କର ।

**Options :**

1. ✔ ଦ୍ୱନ୍ଦ୍ୱ ସମାସ
2. ✘ ଦ୍ୱିଗୁ ସମାସ
3. ✘ କର୍ମଧାରୟ ସମାସ
4. ✘ ତତ୍ପୁରୁଷ ସମାସ

**Question Number : 32 Question Id : 441009989645 Question Type : MCQ**
**Correct Marks : 2 Wrong Marks : 0.66**

'ପଞ୍ଚଗବ୍ୟ' ଶବ୍ଦଟି କେଉଁ ସମାସ ଅନ୍ତର୍ଗତ ?

**Options :**

1. ✔ ଦ୍ୱିଗୁ
2. ✘ ଦ୍ୱନ୍ଦ୍ୱ
3. ✘ କର୍ମଧାରୟ
4. ✘ ତତ୍ପୁରୁଷ

**Question Number : 33 Question Id : 441009989583 Question Type : MCQ**
**Correct Marks : 2 Wrong Marks : 0.66**

'ସାହିତ୍ୟ କୁସୁମ' କାହାର ରଚନା ?

**Options :**

1. ✘ ମଧୁସୂଦନ ଦାସ
2. ✔ ମଧୁସୂଦନ ରାଓ
3. ✘ ଫକୀରମୋହନ ସେନାପତି
4. ✘ ଗଙ୍ଗାଧର ମେହେର

Adda247 GET IT ON Google Play

**Question Number : 34 Question Id : 441009989648 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ସଠିକ୍ ସଂଯୋଗଟିକୁ ଦର୍ଶାଅ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧) ସ୍ୱରସନ୍ଧି | କ) ସ୍ୱାଗତ |
| ୨) ବ୍ୟଞ୍ଜନ ସନ୍ଧି | ଖ) ଉଚ୍ଛୃଙ୍ଖଳ |
| ୩) ବିସର୍ଗ ସନ୍ଧି | ଗ) କଟୂକ୍ତି |
| ୪) ସ୍ୱରସନ୍ଧି | ଘ) ମନୋହର |

**Options :**

1. ✖ ୧-ଖ, ୨-ଗ, ୩-କ, ୪-ଘ
2. ✖ ୧-କ, ୨-ଖ, ୩-ଗ, ୪-ଘ
3. ✖ ୧-ଘ, ୨-ଗ, ୩-ଖ, ୪-କ
4. ✔ ୧-ଗ, ୨-ଖ, ୩-ଘ, ୪-କ

**Question Number : 35 Question Id : 441009989652 Question Type : MCQ**
**Correct Marks : 2 Wrong Marks : 0.66**

'ସମ୍ପୂର୍ଣ୍ଣ' ଶବ୍ଦଟିର ସନ୍ଧି ନିମ୍ନୋକ୍ତ ମଧ୍ୟରୁ କେଉଁଟି ?

**Options :**

1. ✔ ସମ୍+ପୂର୍ଣ୍ଣ
2. ✖ ସମ୍+ପୁର୍ଣ୍ଣ
3. ✖ ସମ+ପୁର୍ଣ୍ଣ
4. ✖ ସ+ମ୍+ପୂର୍ଣ୍ଣ

**Question Number : 36 Question Id : 441009989646 Question Type : MCQ**
**Correct Marks : 2 Wrong Marks : 0.66**

'ପ୍ରତ୍ୟେକ' ଶବ୍ଦଟିର ସନ୍ଧି ନିମ୍ନୋକ୍ତ ମଧ୍ୟରୁ କେଉଁଟି ?

**Options :**

1. ✖ ପ୍ରତି+ଅକ
2. ✖ ପ୍ରତି+ଐକ
3. ✔ ପ୍ରତି+ଏକ
4. ✖ ପ୍ରତି+ଇକ

**Question Number : 37 Question Id : 441009989647 Question Type : MCQ**
**Correct Marks : 2 Wrong Marks : 0.66**

'ଉଚ୍ଚାରଣ' ଶବ୍ଦଟିର ସନ୍ଧି ନିମ୍ନୋକ୍ତ ମଧ୍ୟରୁ କେଉଁଟି ?

**Options :**

1. ✖ ଉଚ୍‌+ଚାରଣ
2. ✔ ଉତ୍‌+ଚାରଣ
3. ✖ ଉତ୍‌ଃ+ଚାରଣ
4. ✖ ଉଃ+ଚାରଣ

**Question Number : 38 Question Id : 441009989651 Question Type : MCQ**
**Correct Marks : 2 Wrong Marks : 0.66**

'ସଦ୍ୟୋଜାତ' ଶବ୍ଦଟିର ସନ୍ଧି ନିମ୍ନୋକ୍ତ ମଧ୍ୟରୁ କେଉଁଟି ?

**Options :**

1. ✖ ସଦ୍ୟଃ+ଉଜାତ
2. ✖ ସଦ୍ୟୋ+ଜାତ
3. ✔ ସଦ୍ୟଃ+ଜାତ
4. ✖ ସଦ୍ୟ+ଜାତ

**Question Number : 39 Question Id : 441009989650 Question Type : MCQ**
**Correct Marks : 2 Wrong Marks : 0.66**

ମୁହୁଃ + ମୁହୁଃ ସନ୍ଧି ଦ୍ୱାରା ଗଠିତ ଶବ୍ଦଟି ନିମ୍ନୋକ୍ତ ମଧ୍ୟରୁ କେଉଁଟି ?

**Options :**

1. ✔ ମୁହୁର୍ମୁହୁଃ
2. ✖ ମୁହୁର୍ମୁହୁ
3. ✖ ମୁହୁମୁହୁ
4. ✖ ମୁହୂର୍ମୁହୂ

**Question Number : 40 Question Id : 441009989658 Question Type : MCQ**
**Correct Marks : 2 Wrong Marks : 0.66**

'ଗଭୀର' ଶବ୍ଦର ତଦ୍‌ଭବ ଶବ୍ଦଟି ଚିହ୍ନଟ କର ।

**Options :**

1. ✖ ଗମ୍ଭୀରା
2. ✔ ଗହୀର
3. ✖ ଗହିରା
4. ✖ ଗୂଢ଼

Question Number : 41 Question Id : 441009989653 Question Type : MCQ
Correct Marks : 2 Wrong Marks : 0.66

ନିମ୍ନୋକ୍ତ ମଧ୍ୟରୁ କେଉଁ ଶବ୍ଦଟି ତତ୍ସମ ଶବ୍ଦ ?

Options :

1. ✖ ଗହୀର
2. ✔ ପ୍ରାଚୀନ
3. ✖ ଦିଅଁ
4. ✖ ଉଆସ

Question Number : 42 Question Id : 441009989655 Question Type : MCQ
Correct Marks : 2 Wrong Marks : 0.66

'ଜାହାଜ' ଶବ୍ଦଟି କେଉଁ ଭାଷା ଅନ୍ତର୍ଗତ ?

Options :

1. ✖ ଆରବିକ
2. ✔ ପାର୍ସୀ
3. ✖ ଦେଶଜ
4. ✖ ତଦ୍ଭବ ଶବ୍ଦ

Question Number : 43 Question Id : 441009989656 Question Type : MCQ
Correct Marks : 2 Wrong Marks : 0.66

'ଅଲଗୁଣୀ' ଶବ୍ଦଟି ନିମ୍ନୋକ୍ତ ମଧ୍ୟରୁ କେଉଁ ଶବ୍ଦ ଅନ୍ତର୍ଗତ ?

Options :

1. ✖ ଦେଶଜ
2. ✖ ତତ୍ସମ
3. ✖ ବୈଦେଶିକ
4. ✔ ତଦ୍ଭବ

Question Number : 44 Question Id : 441009989654 Question Type : MCQ
Correct Marks : 2 Wrong Marks : 0.66

'ଡଗର' ଶବ୍ଦଟି କେଉଁ ପ୍ରକାର ଶବ୍ଦ ?

Options :

1. ✖ ତତ୍ସମ
2. ✖ ତଦ୍ଭବ
3. ✔ ଦେଶଜ
4. ✖ ବୈଦେଶିକ

Question Number : 45 Question Id : 441009989657 Question Type : MCQ
Correct Marks : 2 Wrong Marks : 0.66

ସଂସ୍କୃତ 'ନବ' ଶବ୍ଦରୁ କେଉଁ ତଦ୍ଭବ ଶବ୍ଦ ସୃଷ୍ଟି ହୋଇଛି ?

Options :

1. ✔ ନଅ
2. ✖ ନାମ
3. ✖ ନାଆ
4. ✖ ନାବ

Question Number : 46 Question Id : 441009989663 Question Type : MCQ
Correct Marks : 2 Wrong Marks : 0.66

'ରିକ୍ସା' ଶବ୍ଦଟି 'ରିସ୍‌କା' ଭାବେ ଉଚ୍ଚାରିତ ହେବାର କାରଣ -

Options :

1. ✔ ଅନୁକରଣରେ ଅପୂର୍ଣ୍ଣତା
2. ✖ ଶ୍ରବଣେନ୍ଦ୍ରିୟ ଭିନ୍ନତା
3. ✖ ଦ୍ରୁତ କଥନ
4. ✖ ଅନ୍ୟ ଭାଷାର ପ୍ରଭାବ

Question Number : 47 Question Id : 441009989660 Question Type : MCQ
Correct Marks : 2 Wrong Marks : 0.66

'ବିଜୟ' ଶବ୍ଦଟି ଉଚ୍ଚାରଣ କଲାବେଳେ 'ବିଜୁ'ରେ ପରିବର୍ତ୍ତନ ହେବାର କାରଣ -

Options :

1. ✔ ଭାବୁକତା
2. ✖ ମନରୁ ଗଢ଼ି କହିବା
3. ✖ ପ୍ରଯତ୍ନ ଲାଘବ
4. ✖ ଅଜ୍ଞତା

Question Number : 48 Question Id : 441009989661 Question Type : MCQ
Correct Marks : 2 Wrong Marks : 0.66

'ମକୁଟ' ଶବ୍ଦ 'ମଉଡ଼' ରୂପେ ଉଚ୍ଚାରିତ ହୁଏ, କାରଣ -

Options :

1. ✔ ପ୍ରଯତ୍ନ ଲାଘବ
2. ✖ ଭାବୁକତା
3. ✖ ଅନୁକରଣରେ ଅପୂର୍ଣ୍ଣତା
4. ✖ ଲୌକିକ ବ୍ୟୁତ୍ପତ୍ତି

Adda247 GET IT ON Google Play

**Question Number : 49 Question Id : 441009989691 Question Type : MCQ**
**Correct Marks : 2 Wrong Marks : 0.66**

"ଜ୍ୱାଳାମୟୀ ବକ୍ତୃତାଜାଲ ବିସ୍ତାର କରି ସେ କହିଲେ, ଖାଦ୍ୟ ସମସ୍ୟା, ଖାଦ୍ୟ ସମସ୍ୟା ବୋଲି ଦେଶସାରା ଗୋଟାଏ ହୁରି ପଡ଼ିଯାଇଛି। ଏହାର ଅର୍ଥ କ'ଣ? ସବୁବର୍ଷ, ସବୁ ଦିନେ ସବୁଲୋକ କ'ଣ ମଉଜମଜଲିସ କରି ଖାଇବାକୁ ପାଆନ୍ତି? ଗାଆଁ ଗହଳରେ, ଏପରିକି ଏ ସହରରେ କ'ଣ ସବୁ ବର୍ଷ ସବୁଦିନେ ଲୋକଙ୍କୁ ଖାଦ୍ୟାଭାବ ଘଟେ ନାହିଁ?"–'ସମାପ୍ତି' ଉପନ୍ୟାସର ଏହି ଉକ୍ତିଟି କେଉଁ ଔପନ୍ୟାସିକଙ୍କର ?

**Options :**

1. ✗ ହରେକୃଷ୍ଣ ମହତାବ
2. ✓ ରାମପ୍ରସାଦ ସିଂହ
3. ✗ ଅନନ୍ତ ପ୍ରସାଦ ପଣ୍ଡା
4. ✗ ଲକ୍ଷ୍ମୀଧର ନାୟକ

**Question Number : 50 Question Id : 441009989692 Question Type : MCQ**
**Correct Marks : 2 Wrong Marks : 0.66**

କେଉଁଟି ଚନ୍ଦ୍ରଶେଖର ରଥଙ୍କ ପ୍ରବନ୍ଧ ପୁସ୍ତକ ?

**Options :**

1. ✓ ମୁଁ ସତ୍ୟଧର୍ମା କହୁଛି
2. ✗ ଜାତିରେ ମୁଁ ଯବନ
3. ✗ ସଂସ୍କୃତି, ଅପସଂସ୍କୃତି
4. ✗ ଧର୍ମ ଅଧର୍ମ କଥା

**Question Number : 51 Question Id : 441009989665 Question Type : MCQ**
**Correct Marks : 2 Wrong Marks : 0.66**

ଓଡ଼ିଆ ସାହିତ୍ୟରେ କେଉଁ ଗ୍ରନ୍ଥଟି ସୁଭାଷଣର ଗନ୍ତାଘର ?

**Options :**

1. ✗ ସାରଳା ମହାଭାରତ
2. ✓ ଓଡ଼ିଆ ଭାଗବତ
3. ✗ ରସକଲ୍ଲୋଳ
4. ✗ ମଥୁରାମଙ୍ଗଳ

Adda247 GET IT ON Google Play

**Question Number : 52 Question Id : 441009989667 Question Type : MCQ**
**Correct Marks : 2 Wrong Marks : 0.66**

ଗୋଟିଏ ସୁଭାଷଣ ନିମନ୍ତେ ନିମ୍ନୋକ୍ତ ମଧ୍ୟରୁ କେଉଁ ପ୍ରକାରର ଭାଷା ବ୍ୟବହାର କରାଯିବା ଉଚିତ୍ ?

**Options :**

1. ✖ ଗୁରୁଗମ୍ଭୀର ଭାଷା
2. ✖ ବ୍ୟଞ୍ଜନାତ୍ମକ ଭାଷା
3. ✔ ସହଜ, ସରଳ ଭାଷା
4. ✖ ପ୍ରତୀକାତ୍ମକ ଭାଷା

**Question Number : 53 Question Id : 441009989669 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ସଠିକ୍ ସଂଯୋଗଟିକୁ ଦର୍ଶାଅ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧) ସୁନ୍ଦର ଉକ୍ତି | କ) ଭାଗବତ |
| ୨) ଜୀବର ଭଲ ମନ୍ଦ ବାଣୀ | ଖ) ଅପଭାଷଣ |
| ୩) ଶ୍ରୁତିମଧୁର ଭାଷାର ଶୈଳୀ ପରିବର୍ତ୍ତନ | ଗ) ସୁଭାଷଣ |
| ୪) ନୀତିବାଣୀ | ଘ) ସମାଜ ପାଇଁ ମଙ୍ଗଳକାରକ |

**Options :**

1. ✔ ୧-ଗ, ୨-କ, ୩-ଖ, ୪-ଘ
2. ✖ ୧-ଖ, ୨-ଗ, ୩-କ, ୪-ଘ
3. ✖ ୧-କ, ୨-ଖ, ୩-ଗ, ୪-ଘ
4. ✖ ୧-ଘ, ୨-କ, ୩-ଖ, ୪-ଗ

**Question Number : 54 Question Id : 441009989670 Question Type : MCQ**
**Correct Marks : 2 Wrong Marks : 0.66**

ନିମ୍ନୋକ୍ତ ମଧ୍ୟରୁ କେଉଁଟି ସୁଭାଷଣ ପ୍ରଦାନର ଆବଶ୍ୟକୀୟ ଗୁଣ ନୁହେଁ ।

**Options :**

1. ✖ ସ୍ୱଚ୍ଛତା
2. ✖ ସଠିକ୍ ତଥ୍ୟ ପ୍ରଦାନ
3. ✔ ବ୍ୟାକରଣଜନିତ ତ୍ରୁଟି
4. ✖ ନିର୍ଭୁଲ୍ ଭାଷଣ

Adda247
GET IT ON Google Play

**Question Number : 55 Question Id : 441009989671 Question Type : MCQ**
**Correct Marks : 2 Wrong Marks : 0.66**

ସୁଭାଷଣରେ କେଉଁପ୍ରକାର ଶବ୍ଦ ବ୍ୟବହାର କରାଯାଇଥାଏ ?

**Options :**

1. ✖ କଟୁ ଶବ୍ଦ
2. ✔ ଶିଷ୍ଟ ଶବ୍ଦ
3. ✖ କଠିନ ଶବ୍ଦ
4. ✖ ତିକ୍ତ ଶବ୍ଦ

**Question Number : 56 Question Id : 441009989664 Question Type : MCQ**
**Correct Marks : 2 Wrong Marks : 0.66**

ସୁଭାଷଣ ଅନ୍ୟର ମନକୁ କ'ଣ କରିଥାଏ ?

**Options :**

1. ✔ ମୁଗ୍ଧ କରିଥାଏ
2. ✖ କ୍ଷୁବ୍ଧ କରିଥାଏ
3. ✖ ବ୍ୟଗ୍ର କରିଥାଏ
4. ✖ ଉଚ୍ଚାଟିତ କରିଥାଏ

**Question Number : 57 Question Id : 441009989666 Question Type : MCQ**
**Correct Marks : 2 Wrong Marks : 0.66**

ସୁଭାଷଣର ବିଷୟବସ୍ତୁ କେଉଁ ତଥ୍ୟ ଉପରେ ପର୍ଯ୍ୟବେକ୍ଷିତ ?

**Options :**

1. ✔ ତଥ୍ୟ ସଂପୂର୍ଣ୍ଣ ସଠିକ୍, ସ୍ପଷ୍ଟ ଓ ସତ୍ୟତା ଥିବା ଆବଶ୍ୟକ
2. ✖ ତଥ୍ୟ ଅସ୍ପଷ୍ଟ ଓ କାଳ୍ପନିକ ହେବା ଆବଶ୍ୟକ
3. ✖ ବାସ୍ତବିକ, ସତ୍ୟ, କିଞ୍ଚିତ୍ ସଠିକ୍ ହେବା ଆବଶ୍ୟକ
4. ✖ ଦୀର୍ଘ, ସ୍ୱଚ୍ଛ, ଅସ୍ପଷ୍ଟ ରହିବା ଆବଶ୍ୟକ

Adda247

Adda247 GET IT ON Google Play

**Question Number : 58 Question Id : 441009989668 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ସଠିକ୍ ସଂଯୋଗଟିକୁ ଦର୍ଶାଅ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧) ବକ୍ତା | କ) ପ୍ରମାଣଯୁକ୍ତ |
| ୨) ଭାଷଣ | ଖ) କଥନ କଳାକୁ ପ୍ରଦର୍ଶନ କରିଥାନ୍ତି |
| ୩) ତଥ୍ୟ | ଗ) ଆକର୍ଷଣୀୟ |
| ୪) ଶିଷ୍ଟ ମାର୍ଜିତ ସୁଭାଷଣ | ଘ) ସକରାତ୍ମକ ପରିବେଶ ସୃଷ୍ଟି |

**Options :**

1. ✖ ୧-କ, ୨-ଖ, ୩-ଗ, ୪-ଘ
2. ✔ ୧-ଖ, ୨-ଗ, ୩-କ, ୪-ଘ
3. ✖ ୧-ଗ, ୨-ଖ, ୩-କ, ୪-ଘ
4. ✖ ୧-ଘ, ୨-ଗ, ୩-ଖ, ୪-କ

**Question Number : 59 Question Id : 441009989531 Question Type : MCQ**
**Correct Marks : 2 Wrong Marks : 0.66**

ଚର୍ଯ୍ୟା ଗୀତିକୋଷରେ ସଂକଳିତ ପଚାଶଟି ଗୀତିକାର କେତେଜଣ ରଚୟିତା ସିଦ୍ଧକବିଙ୍କ ନାମ ମିଳେ ?

**Options :**

1. ✖ ୨୧
2. ✔ ୨୩
3. ✖ ୨୫
4. ✖ ୧୮

**Question Number : 60 Question Id : 441009989536 Question Type : MCQ**
**Correct Marks : 2 Wrong Marks : 0.66**

ତେଲୁଗୁରେ ଶବରୀପାଙ୍କ ଅନୂଦିତ ଗ୍ରନ୍ଥ ସଂଖ୍ୟା କେତେ ?

**Options :**

1. ✖ ୨୫
2. ✖ ୨୪
3. ✔ ୨୬
4. ✖ ୨୭

Adda247

Adda247
GET IT ON Google Play

**Question Number : 61 Question Id : 441009989538 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ଉପଯୁକ୍ତ କ୍ରମ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) ଲୁଇପା | ୧) ଚର୍ଯ୍ୟା – ୨୮, ୫୦ |
| (ଖ) ଶବରପା | ୨) ଚର୍ଯ୍ୟା – ୧, ୨୯ |
| (ଗ) କାହ୍ନୁପା | ୩) ଚର୍ଯ୍ୟା – ୨୨, ୩୨ |
| (ଘ) ସରହପା | ୪) ଚର୍ଯ୍ୟା – ୭, ୯ |

**Options :**

1. (✗) କ-୧, ଖ-୨, ଗ- ୩, ଘ-୪
2. (✗) କ-୪, ଖ-୨, ଗ-୩, ଘ-୧
3. (✗) କ-୩, ଖ-୨, ଗ-୧, ଘ-୪
4. (✓) କ-୨, ଖ-୧, ଗ-୪, ଘ-୩

**Question Number : 62 Question Id : 441009989532 Question Type : MCQ**
**Correct Marks : 2 Wrong Marks : 0.66**

ମହାମହୋପାଧ୍ୟାୟ ହରପ୍ରସାଦ ଶାସ୍ତ୍ରୀ ନେପାଳର ଦରବାରରୁ ଯେଉଁ ପୋଥି ସଂଗ୍ରହ କରିଥିଲେ ତା'ର ନାମ କ'ଣ ଥିଲା ?

**Options :**

1. (✗) ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ
2. (✗) ଚର୍ଯ୍ୟାଗୀତିକା
3. (✓) ଚର୍ଯ୍ୟାଚର୍ଯ୍ୟ ବିନିଶ୍ଚୟ
4. (✗) ଚର୍ଯ୍ୟାକୋଷ

**Question Number : 63 Question Id : 441009989534 Question Type : MCQ**
**Correct Marks : 2 Wrong Marks : 0.66**

ସହଜ ସାଧନାର ମୂଳତତ୍ତ୍ୱଟି କ'ଣ ?

**Options :**

1. (✗) ତନ୍ତ୍ର ସାଧନା
2. (✗) ଯୋଗ ସାଧନା
3. (✓) ବୋଧିଚିତ୍ତ ସମୁତ୍ପାଦ
4. (✗) ମନ୍ତ୍ର ସାଧନା

Adda247

GET IT ON Google Play

**Question Number : 64 Question Id : 441009989535 Question Type : MCQ**
**Correct Marks : 2 Wrong Marks : 0.66**

'ଚର୍ଯାଗୀତି କୋଷବୃତ୍ତିନାମ୍' ଗ୍ରନ୍ଥର ଟୀକାକାର କିଏ ?

**Options :**

1. ✖ କୀର୍ତ୍ତିଚନ୍ଦ୍ର
2. ✔ ମୁନିଦତ୍ତ
3. ✖ ଶାନ୍ତିଭିକ୍ଷୁ ଶାସ୍ତ୍ରୀ
4. ✖ ହରପ୍ରସାଦ ଶାସ୍ତ୍ରୀ

**Question Number : 65 Question Id : 441009989528 Question Type : MCQ**
**Correct Marks : 2 Wrong Marks : 0.66**

କେଉଁ ମସିହାରେ ଚର୍ଯାଗୀତି ସମୂହକୁ ହରପ୍ରସାଦ ଶାସ୍ତ୍ରୀ 'ବୌଦ୍ଧଗାନ ଓ ଦୋହା' ନାମକ ଗ୍ରନ୍ଥ ଆକାରରେ ପ୍ରକାଶ କରିଥିଲେ ?

**Options :**

1. ✖ ୧୯୧୫
2. ✖ ୧୯୦୭
3. ✔ ୧୯୧୬
4. ✖ ୧୯୦୮

**Question Number : 66 Question Id : 441009989529 Question Type : MCQ**
**Correct Marks : 2 Wrong Marks : 0.66**

"ଆଳିଏଁ କାଳିଏଁ ବାଟ ରୁନ୍ଧେଇଲା
ତା' ଦେଖି କାହ୍ନୁ ବିମନ ଭଇଲା ।" – ଉକ୍ତ ଉଦ୍ଧୃତାଂଶଟି କେଉଁ ସିଦ୍ଧାଚାର୍ଯ୍ୟଙ୍କ ରଚନା ?

**Options :**

1. ✖ ଭୁସୁକୁପା
2. ✖ ଲୁଇପା
3. ✖ ଦାରିକପା
4. ✔ କାହ୍ନୁପା

Adda247 GET IT ON Google Play

**Question Number : 67 Question Id : 441009989537 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ସଂପର୍କ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ | ୧) ଖଗେଶ୍ୱର ମହାପାତ୍ର |
| (ଖ) ଚର୍ଯ୍ୟାଗୀତିକା | ୨) ହରପ୍ରସାଦ ଶାସ୍ତ୍ରୀ |
| (ଗ) ବୌଦ୍ଧଗାନ ଓ ଦୋହା | ୩) ସୁକୁମାର ସେନ୍ |
| (ଘ) ଚର୍ଯ୍ୟାଗୀତି ପଦାବଳୀ | ୪) କରୁଣାକର କର |

**Options :**

1. ✗ କ-୧, ଖ-୨, ଗ-୩, ଘ-୪
2. ✗ କ-୨, ଖ-୩, ଗ-୪, ଘ-୧
3. ✓ କ-୪, ଖ-୧, ଗ-୨, ଘ-୩
4. ✗ କ-୩, ଖ-୪, ଗ-୧, ଘ-୨

**Question Number : 68 Question Id : 441009989527 Question Type : MCQ**
**Correct Marks : 2 Wrong Marks : 0.66**

ଚର୍ଯ୍ୟାଗୀତିକାର ମୂଳ ପାଣ୍ଡୁଲିପି କିଏ ପ୍ରଥମେ ସଂଗ୍ରହ କରିଥିଲେ ?

**Options :**

1. ✗ ପ୍ରବୋଧ ଚନ୍ଦ୍ର ବାଗ୍‌ଚୀ
2. ✗ ସୁକୁମାର ସେନ
3. ✗ ବିଧୁଶେଖର ଭଟ୍ଟାଚାର୍ଯ୍ୟ
4. ✓ ହରପ୍ରସାଦ ଶାସ୍ତ୍ରୀ

Adda247

**Question Number : 69 Question Id : 441009989530 Question Type : MCQ**
**Correct Marks : 2 Wrong Marks : 0.66**

"ଆପଣେ ରଚି ରଚି ଭବ ନିର୍ବାଣା
ମିଛେଁ ଲୋଅ ବନ୍ଧାବଏ ଆପଣା ।" – ଉକ୍ତ ଉଦ୍ଧୃତାଂଶଟି କେଉଁ ସିଦ୍ଧାଚାର୍ଯ୍ୟଙ୍କ ରଚନା ?

**Options :**

1. ✗ ଦାରିକପା
2. ✓ ସରହପା
3. ✗ ଭୁସୁକୁପା
4. ✗ ଶବରପା

Adda247 GET IT ON Google Play

**Question Number : 70 Question Id : 441009989539 Question Type : MCQ**
**Correct Marks : 2 Wrong Marks : 0.66**

କେଉଁ ସାହିତ୍ୟିକଙ୍କ ବାଲ୍ୟକାଳର ନାମ ସିଦ୍ଧେଶ୍ୱର ପରିଡ଼ା ?

**Options :**

1. ✖ ବଳରାମ ଦାସ
2. ✔ ସାରଳା ଦାସ
3. ✖ ମହାଦେବ ଦାସ
4. ✖ ଅଚ୍ୟୁତାନନ୍ଦ ଦାସ

**Question Number : 71 Question Id : 441009989542 Question Type : MCQ**
**Correct Marks : 2 Wrong Marks : 0.66**

ସାରଳା ଦାସଙ୍କ ଚଣ୍ଡୀ ପୁରାଣ ଅନ୍ୟ କେଉଁ ନାମରେ ପରିଚିତ ?

**Options :**

1. ✖ ଚଣ୍ଡୀ ମହାତ୍ମ୍ୟ
2. ✔ ଦେବୀ ଭାଗବତ
3. ✖ ଦେବୀ ସପ୍ତସତୀ
4. ✖ ଦେବୀ ପୁରାଣ

**Question Number : 72 Question Id : 441009989540 Question Type : MCQ**
**Correct Marks : 2 Wrong Marks : 0.66**

ମହାଭାରତର କେଉଁ ପର୍ବରେ କର୍ଣ୍ଣବଧ ସଂପର୍କରେ ବର୍ଣ୍ଣନା କରାଯାଇଛି ?

**Options :**

1. ✔ କର୍ଣ୍ଣ ପର୍ବ
2. ✖ ବିରାଟ ପର୍ବ
3. ✖ ସ୍ୱର୍ଗାରୋହଣ ପର୍ବ
4. ✖ ଆଦି ପର୍ବ

**Question Number : 73 Question Id : 441009989544 Question Type : MCQ**
**Correct Marks : 2 Wrong Marks : 0.66**

'ଦୁର୍ଯୋଧନର ରକ୍ତନଦୀ ସନ୍ତରଣ' ସାରଳା ମହାଭାରତର କେଉଁ ପର୍ବରେ ବର୍ଣ୍ଣିତ ?

**Options :**

1. ✔ ଗଦା ପର୍ବ
2. ✖ ଭୀଷ୍ମ ପର୍ବ
3. ✖ ମଧ୍ୟ ପର୍ବ
4. ✖ ଉଦଯୋଗ ପର୍ବ

Adda247 GET IT ON Google Play

**Question Number : 74 Question Id : 441009989543 Question Type : MCQ**
**Correct Marks : 2 Wrong Marks : 0.66**

ସାରଳା ଦାସ ତାଙ୍କ ରଚନାର କ୍ରମ କେଉଁଥିରେ ସୂଚିତ କରିଛନ୍ତି ?

**Options :**

1. ✗ ବିଲଙ୍କା ରାମାୟଣ
2. ✗ ସାରଳା ମହାଭାରତ
3. ✓ ଚଣ୍ଡୀ ପୁରାଣ
4. ✗ ଲକ୍ଷ୍ମୀନାରାୟଣ ବଚନିକା

**Question Number : 75 Question Id : 441009989545 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ଉପଯୁକ୍ତ କ୍ରମ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) ଭାରଦାର ଜନ୍ମବୃତ୍ତାନ୍ତ | ୧) ଆଦିପର୍ବ |
| (ଖ) ସାହାଡା ପତ୍ରର ମହାତ୍ମ୍ୟ | ୨) ବନପର୍ବ |
| (ଗ) ନଳ ଦମୟନ୍ତୀ କଥା | ୩) ସଭାପର୍ବ |
| (ଘ) ନାଗାର୍ଜୁନ ଉପାଖ୍ୟାନ | ୪) ଉଦଯୋଗ ପର୍ବ |

**Options :**

1. ✗ କ-୧, ଖ-୨, ଗ-୩, ଘ-୪
2. ✗ କ-୨, ଖ-୩, ଗ-୧, ଘ-୪
3. ✓ କ-୪, ଖ-୧, ଗ-୨, ଘ-୩
4. ✗ କ-୩, ଖ-୧, ଗ-୨, ଘ-୪

**Question Number : 76 Question Id : 441009989548 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ଉପଯୁକ୍ତ କ୍ରମ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) ଦାତା କର୍ଣ୍ଣ ଉପାଖ୍ୟାନ | ୧) ବନପର୍ବ |
| (ଖ) ବିଷ୍ଣୁଙ୍କର ନବଗୁଞ୍ଜର ରୂପ | ୨) ଆଦିପର୍ବ |
| (ଗ) ବେଲାଳସେନ ପ୍ରସଙ୍ଗ | ୩) ମଧ୍ୟପର୍ବ |
| (ଘ) ଉଆଁସୀକନ୍ୟାକୁ ସାହାଡ଼ା ବର ପ୍ରସଙ୍ଗ | ୪) ଉଦଯୋଗ ପର୍ବ |

**Options :**

1. ✓ କ-୧, ଖ-୩, ଗ-୪, ଘ-୨
2. ✗ କ-୧, ଖ-୪, ଗ-୨, ଘ-୩
3. ✗ କ-୨, ଖ-୩, ଗ-୪, ଘ-୧
4. ✗ କ-୧, ଖ-୨, ଗ-୩, ଘ-୪

Adda247

Adda247 GET IT ON Google Play

**Question Number : 77 Question Id : 441009989547 Question Type : MCQ**
**Correct Marks : 2 Wrong Marks : 0.66**

ଯୁଧିଷ୍ଠିର, ବୈଶ୍ୟ ହରି ସାହୁର ସୁହାଣୀ କନ୍ୟାକୁ ବିବାହ କରିବା ପ୍ରସଙ୍ଗ ସାରଳା ମହାଭାରତର କେଉଁ ପର୍ବରେ ବର୍ଣ୍ଣିତ ?

**Options :**

1. ✖ ବିରାଟ ପର୍ବ
2. ✖ କାଇଁଶିକା ପର୍ବ
3. ✖ ମଧ୍ୟ ପର୍ବ
4. ✔ ସ୍ୱର୍ଗାରୋହଣ ପର୍ବ

**Question Number : 78 Question Id : 441009989541 Question Type : MCQ**
**Correct Marks : 2 Wrong Marks : 0.66**

"ଗଂଗା ବୋଇଲେ ମୁଂ ଥାଇ ଗାଙ୍ଗି ବୋଇଲେ ନ ଥାଇ
ଗାଙ୍ଗି ବୋଇଲୁ ତୁ ଯାଉଛି ମୁଂ ବ୍ରତ ପୂରୋଇ ।"- ଏହି ଉକ୍ତିଟି ସାରଳା ମହାଭାରତର କେଉଁ ପର୍ବରୁ ଉଦ୍ଧୃତ ?

**Options :**

1. ✖ ସଭାପର୍ବ
2. ✔ ଆଦିପର୍ବ
3. ✖ ଗଦାପର୍ବ
4. ✖ ମଧ୍ୟପର୍ବ

**Question Number : 79 Question Id : 441009989555 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ଉପଯୁକ୍ତ କ୍ରମ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) ରହସ୍ୟମଞ୍ଜରୀ | ୧) କପିଳେଶ୍ୱର ଦାସ |
| (ଖ) କପଟକେଳି | ୨) ଦେବଦୁର୍ଲଭ ଦାସ |
| (ଗ) ମଦାଳସା | ୩) ଶିଶୁଶଙ୍କର ଦାସ |
| (ଘ) ଉଷାଭିଳାଷ | ୪) ହରିହର ନରେନ୍ଦ୍ର |

**Options :**

1. ✖ କ-୧, ଖ-୨, ଗ-୩, ଘ-୪
2. ✔ କ-୨, ଖ-୧, ଗ-୪, ଘ-୩
3. ✖ କ-୩, ଖ-୧, ଗ-୪, ଘ-୨
4. ✖ କ-୪, ଖ-୨, ଗ-୧, ଘ-୩

Adda247 GET IT ON Google Play

**Question Number : 80 Question Id : 441009989558 Question Type : MCQ**
**Correct Marks : 2 Wrong Marks : 0.66**

ଜଗନ୍ନାଥ ଦାସଙ୍କ ରଚିତ ଭାଗବତର କେଉଁ ସ୍କନ୍ଧରେ କୃଷ୍ଣଙ୍କ ଜନ୍ମ ବର୍ଣ୍ଣନା ରହିଛି ?

**Options :**

1. ✔ ଦଶମ ସ୍କନ୍ଧ
2. ✖ ନବମ ସ୍କନ୍ଧ
3. ✖ ଏକାଦଶ ସ୍କନ୍ଧ
4. ✖ ଦ୍ୱାଦଶ ସ୍କନ୍ଧ

**Question Number : 81 Question Id : 441009989549 Question Type : MCQ**
**Correct Marks : 2 Wrong Marks : 0.66**

ନୃସିଂହ ପୁରାଣର ରଚୟିତା କିଏ ?

**Options :**

1. ✖ ଦାମୋଦର ଦାସ
2. ✔ ପୀତାମ୍ବର ଦାସ
3. ✖ ନୀଳାମ୍ବର ଦାସ
4. ✖ ଚୈତନ୍ୟ ଦାସ

**Question Number : 82 Question Id : 441009989550 Question Type : MCQ**
**Correct Marks : 2 Wrong Marks : 0.66**

ଚୈତନ୍ୟ ଦାସଙ୍କର ବିଷ୍ଣୁଗର୍ଭ ପୁରାଣଟି କେଉଁ ବୃତ୍ତରେ ରଚିତ ?

**Options :**

1. ✖ ନବାକ୍ଷରୀ ବୃତ୍ତ
2. ✖ ଷଡାକ୍ଷରୀ ବୃତ୍ତ
3. ✔ ଦାଣ୍ଡି ବୃତ୍ତ
4. ✖ ଅଷ୍ଟାକ୍ଷରୀ ବୃତ୍ତ

**Question Number : 83 Question Id : 441009989553 Question Type : MCQ**
**Correct Marks : 2 Wrong Marks : 0.66**

ଗୌଡ଼ୀୟ ବୈଷ୍ଣବମାନେ କେଉଁ ଭକ୍ତିର ଉପାସକ ଥିଲେ ?

**Options :**

1. ✖ ଜ୍ଞାନମିଶ୍ରା ଭକ୍ତି
2. ✔ ରାଗାନୁଗା ଶୁଦ୍ଧା ଭକ୍ତି
3. ✖ ସାଧନ ଭକ୍ତି
4. ✖ ଭାବ ଭକ୍ତି

Adda247

GET IT ON Google Play

**Question Number : 84 Question Id : 441009989557 Question Type : MCQ**
**Correct Marks : 2 Wrong Marks : 0.66**

ବଳରାମ ଦାସଙ୍କର କେଉଁ ଗ୍ରନ୍ଥଟି ଜାତିଧର୍ମର ବିଭେଦାଚାର ବିରୋଧରେ ବାର୍ତ୍ତା ପ୍ରଦାନ କରିଅଛି ?

**Options :**

1. ✖ ଭାବସମୁଦ୍ର
2. ✔ ଲକ୍ଷ୍ମୀପୁରାଣ
3. ✖ ଜଗମୋହନ ରାମାୟଣ
4. ✖ ବେଢା ପରିକ୍ରମା

**Question Number : 85 Question Id : 441009989560 Question Type : MCQ**
**Correct Marks : 2 Wrong Marks : 0.66**

ଶୂଦ୍ର କୁଳେ ମୋର ଅବତାର ।
ଜାତି ମୋହର ମାଳାକାର ।। - ନିର୍ଗୁଣ ମହାତ୍ମ୍ୟର ଏହି ଉକ୍ତିଟି କେଉଁ କବିଙ୍କ ରଚନା ?

**Options :**

1. ✖ ଯଶୋବନ୍ତ ଦାସ
2. ✖ ଅଚ୍ୟୁତାନନ୍ଦ ଦାସ
3. ✖ ବଳରାମ ଦାସ
4. ✔ ଚୈତନ୍ୟ ଦାସ

**Question Number : 86 Question Id : 441009989554 Question Type : MCQ**
**Correct Marks : 2 Wrong Marks : 0.66**

ପଞ୍ଚସଖା କବିମାନେ କେଉଁ ଧର୍ମ ସମ୍ପ୍ରଦାୟର ?

**Options :**

1. ✔ ଉତ୍କଳୀୟ ବୈଷ୍ଣବ ଧର୍ମ
2. ✖ ଗୌଡ଼ୀୟ ବୈଷ୍ଣବ ଧର୍ମ
3. ✖ ବୌଦ୍ଧ ଧର୍ମ
4. ✖ ଶୈବ ଧର୍ମ

Adda247

Adda247 GET IT ON Google Play

**Question Number : 87 Question Id : 441009989559 Question Type : MCQ**
**Correct Marks : 2 Wrong Marks : 0.66**

ସାତଖଣ୍ଡିଆ ହରିବଂଶର ମଙ୍ଗଳାଚରଣର ଆଦ୍ୟରେ କେଉଁ ଦେବତାଙ୍କୁ ସ୍ମରଣ କରାଯାଇଛି ?

**Options :**

1. ✖ ଶ୍ରୀଜଗନ୍ନାଥ
2. ✖ ମହାଦେବ
3. ✖ ସରସ୍ୱତୀ
4. ✔ ଗଣନାଥ

**Question Number : 88 Question Id : 441009989552 Question Type : MCQ**
**Correct Marks : 2 Wrong Marks : 0.66**

ଏଥିମଧ୍ୟରୁ କେଉଁ ଯୋଡ଼ିଟି ଠିକ୍ ଅଟେ ?

**Options :**

1. ✔ ବ୍ରହ୍ମଶାଙ୍କୁଳି – ଅଚ୍ୟୁତାନନ୍ଦ ଦାସ
2. ✖ ରସକୁଲ୍ୟା ଚଉତିଶା – ବିଷ୍ଣୁ ଦାସ
3. ✖ ପ୍ରେମଲୋଚନା – ଦାମୋଦର ଦାସ
4. ✖ ରୁକ୍ମିଣୀ ବିଭା – ଶିଶୁଶଙ୍କର ଦାସ

**Question Number : 89 Question Id : 441009989566 Question Type : MCQ**
**Correct Marks : 2 Wrong Marks : 0.66**

କେଉଁ ଗୋପୀ ଦେଖି, ବୋଲଇ ଗୋ ସଖୀ
ଦେଖ ଦେଖ ଏ ନାଗେଶ୍ୱର ।। - ଏହା କାହାର ଉକ୍ତି ?

**Options :**

1. ✔ ଦୀନକୃଷ୍ଣ ଦାସ – ରସକଲ୍ଲୋଳ
2. ✖ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ – ଲାବଣ୍ୟବତୀ
3. ✖ ଧନଞ୍ଜୟ ଭଞ୍ଜ – ଇଚ୍ଛାବତୀ
4. ✖ ଅଭିମନ୍ୟୁ ସାମନ୍ତ ସିଂହାର – ବିଦଗ୍ଧ ଚିନ୍ତାମଣି

Adda247

Adda247 GET IT ON Google Play

**Question Number : 90 Question Id : 441009989567 Question Type : MCQ**
**Correct Marks : 2 Wrong Marks : 0.66**

"କକୁ କକୁ କୋକୋ କାକ କାକା କକୁ କୃକ
କିକେ କିକ କେକୀ କେକୋ କୀଙ୍କ କକି।" – ଏହା ଉପେନ୍ଦ୍ର ଭଞ୍ଜଙ୍କ କେଉଁ କାବ୍ୟର ପଦ ରଚନା ?

**Options :**

1. ✔ ପ୍ରେମସୁଧାନିଧି
2. ✖ ସୁଭଦ୍ରା ପରିଣୟ
3. ✖ ରସଲେଖା
4. ✖ ବୈଦେହୀଶ ବିଳାସ

**Question Number : 91 Question Id : 441009989572 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ଉପଯୁକ୍ତ କ୍ରମ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) ବିଦଗ୍ଧ ଚିନ୍ତାମଣି | ୧) ଚନ୍ଦ୍ରଶେଖର ଭଞ୍ଜ |
| (ଖ) ପ୍ରେମମଞ୍ଜରୀ | ୨) ଅଭିମନ୍ୟୁ ସାମନ୍ତସିଂହାର |
| (ଗ) ପୂର୍ଣ୍ଣତମ ଚନ୍ଦ୍ରୋଦୟ | ୩) ଦନାଇ ଦାସ |
| (ଘ) ଗୋପୀଭାଷା | ୪) ବୃନ୍ଦାବତୀ ଦାସୀ |

**Options :**

1. ✖ କ-୧, ଖ-୨, ଗ-୩, ଘ-୪
2. ✖ କ-୪, ଖ-୩, ଗ-୨, ଘ-୧
3. ✖ କ-୧, ଖ-୨, ଗ-୪, ଘ-୩
4. ✔ କ-୨, ଖ-୧, ଗ-୪, ଘ-୩

**Question Number : 92 Question Id : 441009989569 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ଉପଯୁକ୍ତ କ୍ରମ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) ଉପେନ୍ଦ୍ର ଭଞ୍ଜ | ୧) ରସବତୀ |
| (ଖ) ଅଭିମନ୍ୟୁ ସାମନ୍ତସିଂହାର | ୨) ମଥୁରାମଙ୍ଗଳ |
| (ଗ) ଭକ୍ତଚରଣ ଦାସ | ୩) ଶ୍ୟାମ ରାସୋତ୍ସବ |
| (ଘ) ବ୍ରଜନାଥ ବଡ଼ଜେନା | ୪) କଳାକଉତୁକ |

**Options :**

1. ✔ କ-୪, ଖ-୧, ଗ-୨, ଘ-୩
2. ✖ କ-୧, ଖ-୨, ଗ-୩, ଘ-୪
3. ✖ କ-୩, ଖ-୨, ଗ-୧, ଘ-୪
4. ✖ କ-୨, ଖ-୪, ଗ-୩, ଘ-୧

Adda247 GET IT ON Google Play

**Question Number : 93 Question Id : 441009989565 Question Type : MCQ**
**Correct Marks : 2 Wrong Marks : 0.66**

'ସର୍ବାଙ୍ଗସୁନ୍ଦରୀ' କାବ୍ୟର ନାୟକର ନାମ କ'ଣ ରହିଛି ?

**Options :**

1. ✔ ଅବନୀତିକଳ
2. ✖ ମଧୁକର
3. ✖ ଗନ୍ଧର୍ବକଳାକାନ୍ତ
4. ✖ ପୁଷ୍ପଦନ୍ତ

**Question Number : 94 Question Id : 441009989571 Question Type : MCQ**
**Correct Marks : 2 Wrong Marks : 0.66**

ଯଦୁମଣି ମହାପାତ୍ର ରଚିତ 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' କେତେ ଛାନ୍ଦ ବିଶିଷ୍ଟ ?

**Options :**

1. ✔ ୮
2. ✖ ୯
3. ✖ ୧୦
4. ✖ ୧୧

**Question Number : 95 Question Id : 441009989568 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ଉପଯୁକ୍ତ କ୍ରମ ନିରୂପଣ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) ଭୂପତି ଚଉତିଶା | ୧) ଦ୍ୱାରିକା ଦାସ |
| (ଖ) ବିଚିତ୍ର ରାମାୟଣ | ୨) ଭୂପତି ପଣ୍ଡିତ |
| (ଗ) କାଞ୍ଚିକାବେରୀ | ୩) ବିଶ୍ୱନାଥ ଖୁଣ୍ଟିଆ |
| (ଘ) ଶିବ ପୁରାଣ | ୪) ପୁରୁଷୋତ୍ତମ ଦାସ |

**Options :**

1. ✖ କ-୧, ଖ-୨, ଗ-୩, ଘ-୪
2. ✔ କ-୨, ଖ-୩, ଗ-୪, ଘ-୧
3. ✖ କ-୩, ଖ-୪, ଗ-୧, ଘ-୨
4. ✖ କ-୨, ଖ-୧, ଗ-୪, ଘ-୩

Question Number : 96 Question Id : 441009989561 Question Type : MCQ
Correct Marks : 2 Wrong Marks : 0.66

କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କେଉଁ ଗଜପତି ମହାରାଜାଙ୍କ ସମକାଳୀନ କବି ?

Options :

1. ✖ ମୁକୁନ୍ଦ ଦେବ
2. ✖ ରାମଚନ୍ଦ୍ର ଦେବ
3. ✔ ଦିବ୍ୟସିଂହ ଦେବ
4. ✖ ପ୍ରତାପରୁଦ୍ର ଦେବ

Question Number : 97 Question Id : 441009989563 Question Type : MCQ
Correct Marks : 2 Wrong Marks : 0.66

ଧନଞ୍ଜୟ ଭଞ୍ଜଙ୍କ 'ଅନଙ୍ଗରେଖା' କାବ୍ୟଟି କେତେ ଛାନ୍ଦ ବିଶିଷ୍ଟ ?

Options :

1. ✖ ୧୫
2. ✔ ୨୫
3. ✖ ୧୬
4. ✖ ୨୬

Question Number : 98 Question Id : 441009989562 Question Type : MCQ
Correct Marks : 2 Wrong Marks : 0.66

ରୀତିଯୁଗର ସର୍ବପ୍ରଥମ କବି ଭାବରେ କାହାଙ୍କୁ ଗ୍ରହଣ କରାଯାଇଛି ?

Options :

1. ✖ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ
2. ✖ ଦୀନକୃଷ୍ଣ ଦାସ
3. ✖ ଲୋକନାଥ ବିଦ୍ୟାଧର
4. ✔ ଧନଞ୍ଜୟ ଭଞ୍ଜ

Question Number : 99 Question Id : 441009989580 Question Type : MCQ
Correct Marks : 2 Wrong Marks : 0.66

କୋଇଲିର ପଦଗୁଡ଼ିକ କେତେ ପାଦ ବିଶିଷ୍ଟ ?

Options :

1. ✖ ୪
2. ✖ ୫
3. ✖ ୬
4. ✔ ୨

Adda247 GET IT ON Google Play

**Question Number : 100 Question Id : 441009989576 Question Type : MCQ**
**Correct Marks : 2 Wrong Marks : 0.66**

'ବାରମାସୀ କୋଇଲି'ର ରଚୟିତା କିଏ?

**Options :**

1. ✗ ବଳରାମ ଦାସ
2. ✓ ଶଙ୍କର ଦାସ
3. ✗ ଜଗନ୍ନାଥ ଦାସ
4. ✗ ମାର୍କଣ୍ଡ ଦାସ

**Question Number : 101 Question Id : 441009989578 Question Type : MCQ**
**Correct Marks : 2 Wrong Marks : 0.66**

"ଚୈତ୍ର ମାସର ଖରା । ନୀରସ କରଇ ଧରା
ଶରୀରରୁ ଝାଳ ବହେ ଅନର୍ଗତ ପରାଏ ହୋଏ ଘାବରା ଲୋ" – ଏହା କେଉଁ କୋଇଲିର ଅଂଶବିଶେଷ ?

**Options :**

1. ✗ କାନ୍ତ କୋଇଲି
2. ✗ ଅର୍ଥ କୋଇଲି
3. ✓ ବାରମାସୀ କୋଇଲି
4. ✗ ଜ୍ଞାନୋଦୟ କୋଇଲି

**Question Number : 102 Question Id : 441009989575 Question Type : MCQ**
**Correct Marks : 2 Wrong Marks : 0.66**

"ଖୁଁ ଖୁଁ କାଶ ସାହାସେଣ ପେଲୁଅଛି ଧଇଁ
ଖର ନିଃଶ୍ୱାସ ବୁଢ଼ାର ମଥା ଲାଗେ ଭୂଇଁ" ।। - ଏହା କେଉଁ ଚଉତିଶାର ପଦ ?

**Options :**

1. ✗ କଳାକଳେବର ଚଉତିଶା
2. ✗ ମନବୋଧ ଚଉତିଶା
3. ✓ କଳସା ଚଉତିଶା
4. ✗ ବର୍ଷାଭାବନା ଚଉତିଶା

Adda247

Adda247 GET IT ON Google Play

**Question Number : 103 Question Id : 441009989581 Question Type : MCQ**
**Correct Marks : 2 Wrong Marks : 0.66**

'ଶ୍ୟାମକୁ ଜୁହାର ତା' ପ୍ରୀତିକୁ ଜୁହାର' – କେଉଁ କବିଙ୍କ ପଦାବଳୀର ଅଂଶ ?

**Options :**

1. ✔ ଗୋପାଳକୃଷ୍ଣ
2. ✖ ବନମାଳୀ
3. ✖ ଗୌରହରି
4. ✖ କବିସୂର୍ଯ୍ୟ ବଳଦେବ ରଥ

**Question Number : 104 Question Id : 441009989582 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ସଠିକ୍ ମିଳନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) କମଳଲୋଚନ ଚଉତିଶା | (୧) ଦୀନକୃଷ୍ଣ ଦାସ |
| (ଖ) ଯମକରାଜ ଚଉତିଶା | (୨) ବଳରାମ ଦାସ |
| (ଗ) ପ୍ରେମଚିନ୍ତାମଣି ଚଉତିଶା | (୩) ଉପେନ୍ଦ୍ର ଭଞ୍ଜ |
| (ଘ) ଅନୁରାଗ ରତ୍ନାକର ଚଉତିଶା | (୪) ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା |

**Options :**

1. ✖ କ-୧, ଖ-୨, ଗ-୩, ଘ-୪
2. ✔ କ-୨, ଖ-୩, ଗ-୪, ଘ-୧
3. ✖ କ-୩, ଖ-୨, ଗ-୧, ଘ-୪
4. ✖ କ-୪, ଖ-୨, ଗ-୧, ଘ-୩

**Question Number : 105 Question Id : 441009989579 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ସଠିକ୍ ମିଳନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) କେଶବ କୋଇଲି | (୧) ଜଗନ୍ନାଥ ଦାସ |
| (ଖ) କାନ୍ତ କୋଇଲି | (୨) ମାର୍କଣ୍ଡ ଦାସ |
| (ଗ) ଅର୍ଥ କୋଇଲି | (୩) ବଳରାମ ଦାସ |
| (ଘ) ବାରମାସୀ କୋଇଲି | (୪) ଶଙ୍କର ଦାସ |

**Options :**

1. ✔ କ-୨, ଖ-୩, ଗ-୧, ଘ-୪
2. ✖ କ-୧, ଖ-୨, ଗ-୩, ଘ-୪
3. ✖ କ-୪, ଖ-୩, ଗ-୨, ଘ-୧
4. ✖ କ-୩, ଖ-୪, ଗ-୨, ଘ-୧

**Question Number : 106 Question Id : 441009989573 Question Type : MCQ**
**Correct Marks : 2 Wrong Marks : 0.66**

'ଉଦ୍ଧବ ଚଉତିଶା'ର ରଚୟିତା କିଏ?

**Options :**

1. ✖ ଭକ୍ତଚରଣ ଦାସ
2. ✖ ବଳରାମ ଦାସ
3. ✖ ଦାମୋଦର ଦାସ
4. ✔ ଭୂପତି ପଣ୍ଡିତ

**Question Number : 107 Question Id : 441009989574 Question Type : MCQ**
**Correct Marks : 2 Wrong Marks : 0.66**

'ଆର୍ତ୍ତତ୍ରାଣ ଚଉତିଶା'ର ରଚୟିତା କିଏ?

**Options :**

1. ✖ ଜଗନ୍ନାଥ ଦାସ
2. ✖ ବଳରାମ ଦାସ
3. ✔ ଦୀନକୃଷ୍ଣ ଦାସ
4. ✖ ଉପେନ୍ଦ୍ର ଭଞ୍ଜ

**Question Number : 108 Question Id : 441009989587 Question Type : MCQ**
**Correct Marks : 2 Wrong Marks : 0.66**

'ଉତ୍କଳ ଦୀପିକା'ର ସଂପାଦକ କିଏ ଥିଲେ ?

**Options :**

1. ✖ କୃଷ୍ଣମୋହନ ପଟ୍ଟନାୟକ
2. ✖ ସାଧୁଚରଣ ରାୟ
3. ✖ ବ୍ରଜସୁନ୍ଦର ଦାସ
4. ✔ ଗୌରୀଶଙ୍କର ରାୟ

**Question Number : 109 Question Id : 441009989588 Question Type : MCQ**
**Correct Marks : 2 Wrong Marks : 0.66**

'ବିଜୁଳି' ପତ୍ରିକାଟି କେବେ ପ୍ରକାଶିତ ହୋଇଥିଲା ?

**Options :**

1. ✔ ୧୬-୦୯-୧୮୯୩
2. ✖ ୧୭-୦୮-୧୮୯୩
3. ✖ ୧୬-୦୮-୧୮୯୫
4. ✖ ୧୬-୦୮-୧୮୮୫

Adda247

GET IT ON Google Play

**Question Number : 110 Question Id : 441009989589 Question Type : MCQ**
**Correct Marks : 2 Wrong Marks : 0.66**

"ଜରାଜୀର୍ଣ୍ଣ ବେଶେ ଦେଖାଇ ସେ ଆଜ
ନବ୍ୟ ଉତ୍କଳର ଏ ସଭ୍ୟସମାଜ ।" – ଏହା କେଉଁ କାବ୍ୟର ଉକ୍ତି ?

**Options :**

1. ✘ ଚିଲିକା
2. ✘ ମହାଯାତ୍ରା
3. ✔ ଦରବାର
4. ✘ ପାର୍ବତୀ

**Question Number : 111 Question Id : 441009989586 Question Type : MCQ**
**Correct Marks : 2 Wrong Marks : 0.66**

'ସୀତା ବନବାସ' କାବ୍ୟର ରଚୟିତା କିଏ ?

**Options :**

1. ✔ ନନ୍ଦକିଶୋର ବଳ
2. ✘ ଗଙ୍ଗାଧର ମେହେର
3. ✘ ରାମଶଙ୍କର ରାୟ
4. ✘ ଫକୀରମୋହନ ସେନାପତି

**Question Number : 112 Question Id : 441009989592 Question Type : MCQ**
**Correct Marks : 2 Wrong Marks : 0.66**

କେଉଁ ପତ୍ରିକାରେ ଫକୀରମୋହନ ସେନାପତିଙ୍କ 'ଉତ୍କଳ ଭାଷାର ଭୂତ ଓ ଭବିଷ୍ୟତ' ପ୍ରକାଶ ପାଇଥିଲା ?

**Options :**

1. ✘ ଉତ୍କଳ ମଧୁପ
2. ✔ ଉତ୍କଳ ସାହିତ୍ୟ
3. ✘ ଉତ୍କଳ ଦୀପିକା
4. ✘ ଉତ୍କଳ ବନ୍ଧୁ

Adda247 GET IT ON Google Play

**Question Number : 113 Question Id : 441009989591 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ସଠିକ୍ ମିଳନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) ଶିକ୍ଷା ଓ ସମାଲୋଚନା | (୧) ମଧୁସୂଦନ ରାଓ |
| (ଖ) ଓଡ଼ିଆ ଭାଷା | (୨) ବିଶ୍ୱନାଥ କର |
| (ଗ) ବିଦ୍ୟାଳୟରେ ଓଡ଼ିଆ ଶିକ୍ଷା | (୩) କାମପାଳ ମିଶ୍ର |
| (ଘ) ଜୀବନ ସମସ୍ୟା | (୪) କୃଷ୍ଣପ୍ରସାଦଚୌଧୁରୀ |

**Options :**

1. ✗ କ-୧, ଖ-୨, ଗ-୩, ଘ-୪
2. ✓ କ-୩, ଖ-୧, ଗ-୪, ଘ-୨
3. ✗ କ-୨, ଖ-୧, ଗ-୪, ଘ-୩
4. ✗ କ-୪, ଖ-୩, ଗ-୨, ଘ-୧

**Question Number : 114 Question Id : 441009989593 Question Type : MCQ**
**Correct Marks : 2 Wrong Marks : 0.66**

'ମଲାବେଳେ ବିଶ୍ୱବିଜୟୀ ସ୍କନ୍ଦର' – ଦରବାର କାବ୍ୟରେ ଏହି ଉକ୍ତିରେ ସ୍କନ୍ଦର କାହାକୁ କୁହାଯାଇଛି ?

**Options :**

1. ✓ ଆଲେକଜାଣ୍ଡର
2. ✗ ଈଶ୍ୱର
3. ✗ ଗୋରା ସିପାହୀ
4. ✗ ଦେଶୀୟ ରାଜା

Adda247

**Question Number : 115 Question Id : 441009989594 Question Type : MCQ**
**Correct Marks : 2 Wrong Marks : 0.66**

ରାଧାନାଥଙ୍କ 'ଇଟାଲୀୟ ଯୁବା' କେଉଁ ପ୍ରକାରର ରଚନା ?

**Options :**

1. ✓ ଗଳ୍ପ
2. ✗ ପ୍ରବନ୍ଧ
3. ✗ କାବ୍ୟ
4. ✗ ଭ୍ରମଣକାହାଣୀ

Adda247 GET IT ON Google Play

**Question Number : 116 Question Id : 441009989598 Question Type : MCQ**
**Correct Marks : 2 Wrong Marks : 0.66**

'କ' ସ୍ତମ୍ଭ ସହ 'ଖ' ସ୍ତମ୍ଭର ସଠିକ୍ ମିଳନ କର ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| (କ) ନୀଳକଣ୍ଠ ଦାସ | (୧) କୋଣାର୍କ |
| (ଖ) ଗୋପବନ୍ଧୁ ଦାସ | (୨) ଗୋ ମହାତ୍ମ୍ୟ |
| (ଗ) କୃପାସିନ୍ଧୁ ମିଶ୍ର | (୩) କୋଣାର୍କେ |
| (ଘ) ଗୋଦାବରୀଶ ମିଶ୍ର | (୪) ଆଲେଖିକା |

**Options :**

1. ✔ କ-୩, ଖ-୨, ଗ- ୧, ଘ-୪
2. ✖ କ-୧, ଖ-୨, ଗ-୩, ଘ-୪
3. ✖ କ-୨, ଖ-୩, ଗ-୪, ଘ-୧
4. ✖ କ-୪, ଖ-୩, ଗ-୨, ଘ-୧

**Question Number : 117 Question Id : 441009989602 Question Type : MCQ**
**Correct Marks : 2 Wrong Marks : 0.66**

"ଜାତୀୟ ମମତା ବିଶ୍ୱଜନ ପ୍ରୀତି
ଉତ୍କଳବାସୀର ହେଉ ଏହା ନୀତି ।" – ଏହା କେଉଁ କାବ୍ୟରୁ ଆସିଅଛି ?

**Options :**

1. ✔ ବନ୍ଦୀର ଆତ୍ମକଥା
2. ✖ ଅବକାଶ ଚିନ୍ତା
3. ✖ ଗୋ ମହାତ୍ମ୍ୟ
4. ✖ ଧର୍ମପଦ

Adda247

**Question Number : 118 Question Id : 441009989597 Question Type : MCQ**
**Correct Marks : 2 Wrong Marks : 0.66**

'ଖାରବେଳ' କାବ୍ୟଟି କାହାର ରଚନା ?

**Options :**

1. ✖ ଗୋଦାବରୀଶ ମିଶ୍ର
2. ✔ ନୀଳକଣ୍ଠ ଦାସ
3. ✖ ଗୋପବନ୍ଧୁ ଦାସ
4. ✖ ପଦ୍ମଚରଣ ପଟ୍ଟନାୟକ

Adda247 GET IT ON Google Play

**Question Number : 119 Question Id : 441009989605 Question Type : MCQ**
**Correct Marks : 2 Wrong Marks : 0.66**

କେଉଁ କବିତାରେ ଗୋଦବରୀଶ ମିଶ୍ରଙ୍କ ଜୀବନର ସୁଖ ଦୁଃଖ ନାନା ଅନୁଭୂତିର କାବ୍ୟିକ ରୂପ ଚିତ୍ରିତ ?

**Options :**

1. ✖ ଚୟନିକା
2. ✔ କଳିକା ଓ କିଶଳୟ
3. ✖ ହେ ମୋର କଲମ
4. ✖ କୋଣାର୍କ

**Question Number : 120 Question Id : 441009989600 Question Type : MCQ**
**Correct Marks : 2 Wrong Marks : 0.66**

ନିମ୍ନୋକ୍ତ ମଧ୍ୟରୁ କେଉଁଟି ଗୋଦାବରୀଶ ମିଶ୍ରଙ୍କର ଏକ ଅନୁବାଦ ଗ୍ରନ୍ଥ ?

**Options :**

1. ✖ ଆଲେଖିକା
2. ✔ ଘଟାନ୍ତର
3. ✖ ମୁକୁନ୍ଦଦେବ
4. ✖ ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ

**Question Number : 121 Question Id : 441009989601 Question Type : MCQ**
**Correct Marks : 2 Wrong Marks : 0.66**

"ଯଦ୍ଦ୍ୱାରା ସର୍ବାଧିକ ସଂଖ୍ୟକ ଲୋକଙ୍କ ସର୍ବାଧିକ ପରିମାଣରେ ହିତ ହୁଏ, ତାହାହିଁ ମାନବର କର୍ତ୍ତବ୍ୟ ।" – ଏହା କାହାର ଉକ୍ତି ?

**Options :**

1. ✖ ଗୋଦାବରୀଶ ମିଶ୍ର
2. ✔ ଗୋପବନ୍ଧୁ ଦାସ
3. ✖ ନୀଳକଣ୍ଠ ଦାସ
4. ✖ କୃପାସିନ୍ଧୁ ମିଶ୍ର

Adda247

Adda247 GET IT ON Google Play

**Question Number : 122 Question Id : 441009989595 Question Type : MCQ**
**Correct Marks : 2 Wrong Marks : 0.66**

ଗୋଦାବରୀଶ ମିଶ୍ରଙ୍କ 'ଅଭାଗିନୀ' ଉପନ୍ୟାସଟି କେଉଁ ଫରାସୀ ଉପନ୍ୟାସର ଅନୁସରଣରେ ରଚିତ ?

**Options :**

1. ✔ ଲା ମିଜରେବଲ
2. ✖ ଏ ଟେଲ୍ ଅଫ୍ ଟୁ ସିଟିଜ୍
3. ✖ ସିଜ୍ ଅଫ୍ କରିନ୍ଥ
4. ✖ ମିଡ଼ ସମରନାଇଟ୍

**Question Number : 123 Question Id : 441009989603 Question Type : MCQ**
**Correct Marks : 2 Wrong Marks : 0.66**

'ଦାସ ନାଏକ' କେଉଁ କାବ୍ୟର ଅନୁବାଦ ?

**Options :**

1. ✖ ଆଣ୍ଡଲାଣ୍ଡ ରେସ୍
2. ✖ ପିରାମିଡ୍ ଓ ଥିବିସ୍
3. ✔ ଏନକୋ ଅଡେନ୍
4. ✖ ଅପ୍ ଫ୍ରମ୍ ସ୍ଲାଭେରୀ

**Question Number : 124 Question Id : 441009989596 Question Type : MCQ**
**Correct Marks : 2 Wrong Marks : 0.66**

'ବନ୍ଦୀର ମାୟା' ଉପନ୍ୟାସଟି କାହାର ?

**Options :**

1. ✖ ଗୋଦାବରୀଶ ମିଶ୍ର
2. ✔ ଗୋଦାବରୀଶ ମହାପାତ୍ର
3. ✖ କୁନ୍ତଳାକୁମାରୀ ସାବତ
4. ✖ ନୀଳକଣ୍ଠ ଦାସ

**Question Number : 125 Question Id : 441009989599 Question Type : MCQ**
**Correct Marks : 2 Wrong Marks : 0.66**

'ଆର୍ଯ୍ୟ ଜୀବନ'ର ରଚୟିତା କିଏ ?

**Options :**

1. ✖ କୃପାସିନ୍ଧୁ ମିଶ୍ର
2. ✖ ବାସୁଦେବ ମହାପାତ୍ର
3. ✖ ତାରିଣୀ ଚରଣ ରଥ
4. ✔ ନୀଳକଣ୍ଠ ଦାସ

Adda247

Adda247
GET IT ON Google Play

**Question Number : 126 Question Id : 441009989672 Question Type : MCQ**
**Correct Marks : 2 Wrong Marks : 0.66**

ସବୁଜ କାବ୍ୟ ଆନ୍ଦୋଳନ କେଉଁ ପତ୍ରିକାକୁ ଭିତ୍ତିକରି ଅଗ୍ରସର ହୋଇଥିଲା?

**Options :**

1. ✗ ସହକାର
2. ✗ ମୁକୁର
3. ✗ ଡଗର
4. ✓ ଯୁଗବୀଣା

**Question Number : 127 Question Id : 441009989676 Question Type : MCQ**
**Correct Marks : 2 Wrong Marks : 0.66**

'ଜୀବନ ପାତ୍ର ମୋ ଭରିଛ କେତେ ମୋତେ' – କେଉଁ କବିତାର ଅଂଶ ?

**Options :**

1. ✗ ସୃଜନ ସ୍ୱପ୍ନ
2. ✓ ଯାତ୍ରା ସଙ୍ଗୀତ
3. ✗ ଆଗାମୀ
4. ✗ ପ୍ରଳୟ ପ୍ରେରଣା

**Question Number : 128 Question Id : 441009989677 Question Type : MCQ**
**Correct Marks : 2 Wrong Marks : 0.66**

ସବୁଥିରୁ ମୋତେ ବଞ୍ଚିତ କରି କେଉଁ ଯଶବାନା ଉଡାଇବ ହେ – ଏହା କାହାର ଉକ୍ତି?

**Options :**

1. ✗ ମାୟାଧର ମାନସିଂହ
2. ✗ ଗୋଦାବରୀଶ ମହାପାତ୍ର
3. ✗ କୁନ୍ତଳାକୁମାରୀ ସାବତ
4. ✓ ଲକ୍ଷ୍ମୀକାନ୍ତ ମହାପାତ୍ର

**Question Number : 129 Question Id : 441009989673 Question Type : MCQ**
**Correct Marks : 2 Wrong Marks : 0.66**

'ଯଉବନ ଥରେ ଗଲେ ଆଉ ଆସେନା' କବିତାର କବି କିଏ ?

**Options :**

1. ✗ ମାୟାଧର ମାନସିଂହ
2. ✗ ଶଚି ରାଉତରାୟ
3. ✓ ଅନ୍ନଦାଶଙ୍କର
4. ✗ ଅନନ୍ତ ପଟ୍ଟନାୟକ

Adda247 GET IT ON Google Play

**Question Number : 130 Question Id : 441009989674 Question Type : MCQ**
**Correct Marks : 2 Wrong Marks : 0.66**

'ମହାନଦୀରେ ଜ୍ୟୋସ୍ନା ବିହାର' – କବିତାର କବି କିଏ ?

**Options :**

1. ✔ ମାୟାଧର ମାନସିଂହ
2. ✖ ସଚ୍ଚି ରାଉତରାୟ
3. ✖ ଅନନ୍ତ ପଟ୍ଟନାୟକ
4. ✖ ଅନ୍ନଦା ଶଙ୍କର ରାୟ

**Question Number : 131 Question Id : 441009989678 Question Type : MCQ**
**Correct Marks : 2 Wrong Marks : 0.66**

'କ'ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ମିଶାଅ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧) କାଳିନ୍ଦୀଚରଣ ପାଣିଗ୍ରାହୀ | କ) ସବିତା |
| ୨) ଶରତ ଚନ୍ଦ୍ର ମୁଖାର୍ଜୀ | ଖ) ପ୍ରଣୟୀର ସ୍ୱପ୍ନ |
| ୩) ଅନ୍ନଦାଶଙ୍କର ରାୟ | ଗ) ସୌମ୍ୟା |
| ୪) ବୈକୁଣ୍ଠନାଥ ପଟ୍ଟନାୟକ | ଘ) ପଞ୍ଚପୁଷ୍ପ |

**Options :**

1. ✖ ୧-ଖ, ୨-କ, ୩-ଗ, ୪-ଘ
2. ✔ ୧-ଗ, ୨-ଘ, ୩-କ, ୪-ଖ
3. ✖ ୧-ଘ, ୨-ଗ, ୩-କ, ୪-ଖ
4. ✖ ୧-ଖ, ୨-ଘ, ୩-କ, ୪-ଗ

**Question Number : 132 Question Id : 441009989675 Question Type : MCQ**
**Correct Marks : 2 Wrong Marks : 0.66**

ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଦ୍ୱାରା ରଚିତ ନାଟକର ନାମ କ'ଣ ?

**Options :**

1. ✔ ମୁକ୍ତିପଥେ
2. ✖ କିସମା ଗୌତମୀ
3. ✖ ଉପେକ୍ଷିତା
4. ✖ ପରୀ ନିର୍ବାଣ

Adda247

Adda247 GET IT ON Google Play

**Question Number : 133 Question Id : 441009989680 Question Type : MCQ**
**Correct Marks : 2 Wrong Marks : 0.66**

କେଉଁଟି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ କବିତା ଗ୍ରନ୍ଥ ନୁହେଁ ?

**Options :**

1. ✖ ମନେ ନାହିଁ
2. ✖ କ୍ଷଣିକ ସତ୍ୟ
3. ✔ ଅମର ଚିତା
4. ✖ ଛୁରୀଟିଏ ଲୋଡ଼ା

**Question Number : 134 Question Id : 441009989681 Question Type : MCQ**
**Correct Marks : 2 Wrong Marks : 0.66**

'ମଣିଷ' 'ମଣିଷ' ଶୁଭିଲା ଦୁଆରୁ ଡାକ
ଦୁନିଆଁର ଯେତେ ଦଳିତ ପତିତଯାକ । - ଏହି ଉକ୍ତିଟି କେଉଁ କବିତାର ଅନ୍ତର୍ଭୁକ୍ତ ?

**Options :**

1. ✔ ଛୁରୀଟିଏ ଲୋଡ଼ା
2. ✖ ମଧୁବିବାହ
3. ✖ ମୁକୁଳି ପଡ଼ ଗୋ
4. ✖ ଫଗୁଣ ଜ୍ୟୋତ୍ସ୍ନା

**Question Number : 135 Question Id : 441009989682 Question Type : MCQ**
**Correct Marks : 2 Wrong Marks : 0.66**

"ପଉଷ-ତରୁ ମୁଁ ଗୋ ପଳିତ ମୋ ପତର
ନିରାଶା ପରଶରେ ଝରିଚି ଅକାଳରେ" – ଏହି ଉକ୍ତିଟି କେଉଁ କବିତାରୁ ଆସିଅଛି ?

**Options :**

1. ✖ ମୃତ୍ତିକା ଦର୍ଶନ
2. ✔ ଯାତ୍ରା ସଂଗୀତ
3. ✖ ସତ୍ୟ ହେଉ ଉଷା ଅଭ୍ୟୁଦୟ
4. ✖ ଅଗଷ୍ଟ ବିପ୍ଳବ

Adda247

Adda247

GET IT ON Google Play

**Question Number : 136 Question Id : 441009989689 Question Type : MCQ**
**Correct Marks : 2 Wrong Marks : 0.66**

କେଉଁ ଉପନ୍ୟାସ ପାଇଁ ପ୍ରତିଭା ରାୟ ମୂର୍ତ୍ତିଦେବୀ ସମ୍ମାନ ଲାଭ କରିଛନ୍ତି?

**Options :**

1. ✖ ଶିଳାପଦ୍ମ
2. ✔ ଯାଜ୍ଞସେନୀ
3. ✖ ଉଲ୍ଲଂଘନ
4. ✖ ନୀଳତୃଷ୍ଣା

**Question Number : 137 Question Id : 441009989688 Question Type : MCQ**
**Correct Marks : 2 Wrong Marks : 0.66**

'ବିଜ୍ଞାନ ବିସ୍ମୟ' କାହାର ରଚନା ?

**Options :**

1. ✖ ପଦ୍ମଚରଣ ନାୟକ
2. ✖ ବଂଶୀଧର ମହାନ୍ତି
3. ✖ ମହାପାତ୍ର ନୀଳମଣି ସାହୁ
4. ✔ ଗୋକୁଳାନନ୍ଦ ମହାପାତ୍ର

**Question Number : 138 Question Id : 441009989690 Question Type : MCQ**
**Correct Marks : 2 Wrong Marks : 0.66**

କେଉଁ ଯୋଡ଼ିଟି ଠିକ୍ ?

**Options :**

1. ✖ ଗୋପୀନାଥ ମହାନ୍ତି –ଶିଳା ଓ ଶାଳଗ୍ରାମ
2. ✔ ଗୋଲକବିହାରୀ ଧଳ – ଓଡ଼ିଆ କେବେ
3. ✖ ସୁରେନ୍ଦ୍ର ମହାନ୍ତି – ସଂସ୍କୃତି ଓ ସାହିତ୍ୟ
4. ✖ ଚିତ୍ତରଂଜନ ଦାସ – ସାହିତ୍ୟ ଓ ସମାଜ

Adda247
GET IT ON Google Play

**Question Number : 139 Question Id : 441009989684 Question Type : MCQ**
**Correct Marks : 2 Wrong Marks : 0.66**

'କେଉଁ ଗଳ୍ପ ସଂକଳନ ପାଇଁ ସୁରେନ୍ଦ୍ର ମହାନ୍ତି ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ ?

**Options :**

1. ✖ କୃଷ୍ଣଚୂଡ଼ା
2. ✖ ରୁଟି ଓ ଚନ୍ଦ୍ର
3. ✖ ମହାନିର୍ବାଣ
4. ✔ ସବୁଜ ପତ୍ର ଓ ଧୂସର ଗୋଲାପ

**Question Number : 140 Question Id : 441009989693 Question Type : MCQ**
**Correct Marks : 2 Wrong Marks : 0.66**

"ଉପରେ ଆକାଶ ତଳେ ପୃଥିବୀ ତାକୁ ସାଙ୍ଗ ଦେବାକୁ ଯାଇ ଆହୁରି ନିଛାଟିଆ କରିଦିଅନ୍ତି। ସେ ହଜିଯାଏ, ମିଳେଇଯାଏ। ଆକାଶରେ ନା ପୃଥିବୀରେ ବାରିହୁଏ ନାହିଁ।" – ଏହା ଚନ୍ଦ୍ରଶେଖର ରଥଙ୍କ କେଉଁ ଉପନ୍ୟାସରଉକ୍ତି ?

**Options :**

1. ✖ ଅସୂର୍ଯ୍ୟ ଉପନିବେଶ
2. ✔ ଯନ୍ତ୍ରାରୂଢ଼
3. ✖ ନବଜାତକ
4. ✖ ସବୁଠାରୁ ଦୀର୍ଘ ରାତି

**Question Number : 141 Question Id : 441009989694 Question Type : MCQ**
**Correct Marks : 2 Wrong Marks : 0.66**

କେଉଁ ଯୋଡ଼ିଟି ଠିକ୍ ?

**Options :**

1. ✖ ନାଥଧର୍ମ ଓ ଦର୍ଶନ – ଗୋଲକବିହାରୀ ଧଳ
2. ✔ ସାହିତ୍ୟ ଓ ସମାଜ – ସୁରେନ୍ଦ୍ର ମହାନ୍ତି
3. ✖ ସ୍ମୃତିବାସୀ – ଚିତ୍ତରଞ୍ଜନ ଦାସ
4. ✖ ନଖଦର୍ପଣେନ – ଦୋଳଗୋବିନ୍ଦ ଶାସ୍ତ୍ରୀ

Adda247

Adda247 GET IT ON Google Play

**Question Number : 142 Question Id : 441009989686 Question Type : MCQ**
**Correct Marks : 2 Wrong Marks : 0.66**

"ଶେଷ ଜୀବନରେ ରାମଚନ୍ଦ୍ରଙ୍କର ଏତିକି ସନ୍ତୋଷ ଯେ ଲୋକଚରିତ୍ର ପରିବର୍ତ୍ତନ ପାଇଁ ଓ ଗାଁରେ ଦେଶାତ୍ମବୋଧ ଜାଗ୍ରତ କରିବା ପାଇଁ ନିଜ ଜୀବନରେ କିଛି କରିଛନ୍ତି।"ଏହି ଉକ୍ତିଟି କେଉଁ ଉପନ୍ୟାସର ଅଂଶ ?

**Options :**

1. ✖ ପ୍ରତିଭା
2. ✔ ଟାଉଟର
3. ✖ ଅବ୍ୟାପାର
4. ✖ ନୂତନ ଧର୍ମ

**Question Number : 143 Question Id : 441009989687 Question Type : MCQ**
**Correct Marks : 2 Wrong Marks : 0.66**

ଜୟନ୍ତ ଓ ମୀରା କେଉଁ ଉପନ୍ୟାସର ଚରିତ୍ର ?

**Options :**

1. ✖ ତାମସୀ ରାଧା
2. ✔ ଧରା ଓ ଧାରା
3. ✖ ମୃଗତୃଷ୍ଣା
4. ✖ ନେପଥ୍ୟେ

**Question Number : 144 Question Id : 441009989695 Question Type : MCQ**
**Correct Marks : 2 Wrong Marks : 0.66**

ଭଗବତୀ ଚରଣ ପାଣିଗ୍ରାହୀଙ୍କ ନେତୃତ୍ୱରେ କେବେ 'ନବଯୁଗ ସାହିତ୍ୟ ସଂସଦ' ପ୍ରତିଷ୍ଠା କରାଯାଇଥିଲା ?

**Options :**

1. ✖ ୧୯୨୫
2. ✖ ୧୯୩୦
3. ✖ ୧୯୪୫
4. ✔ ୧୯୩୫

Question Number : 145 Question Id : 441009989697 Question Type : MCQ
Correct Marks : 2 Wrong Marks : 0.66

'କ'ସ୍ତମ୍ଭ ସହିତ 'ଖ'ସ୍ତମ୍ଭ ମିଳାଅ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧) ଭାନୁଜୀ ରାଓ | କ) ପିଙ୍ଗଳାର ସୂର୍ଯ୍ୟ |
| ୨) ବିଦ୍ୟୁତ୍‌ପ୍ରଭା ଦେବୀ | ଖ) ନଈ ଆରପାରି |
| ୩) ଗୁରୁପ୍ରସାଦ ମହାନ୍ତି | ଗ) ସବିତା |
| ୪) ବେଣୁଧର ରାଉତ | ଘ) ସମୁଦ୍ର ସ୍ନାନ |

Options :

1. ✔ ୧–ଖ, ୨-ଗ, ୩-ଘ, ୪-କ
2. ✖ ୧-ଗ, ୨-ଖ, ୩-କ, ୪-ଘ
3. ✖ ୧-କ, ୨-ଖ, ୩-ଗ, ୪-ଘ
4. ✖ ୪-ଗ, ୨-ଖ, ୧-ଘ, ୩-କ

Question Number : 146 Question Id : 441009989696 Question Type : MCQ
Correct Marks : 2 Wrong Marks : 0.66

ନାରୀ ଜୀବନର ଅବକ୍ଷୟକୁ ନେଇ ସୃଷ୍ଟି ଲାଭକରିଥିବା କବିତା କେଉଁଟି?

Options :

1. ✖ ସୁନାର ଝରଣା
2. ✖ ଆଖିର କପୋତ ମୋର
3. ✔ ଅଳକା ସାନ୍ୟାଲ
4. ✖ ପ୍ରିୟ ବାନ୍ଧବୀ

Question Number : 147 Question Id : 441009989705 Question Type : MCQ
Correct Marks : 2 Wrong Marks : 0.66

ତୁମେ ନୀଳକଇଁ ରଙ୍ଗର ଛୁରୀ, ମତେ ଚିରି ଦେଇଯାଅ – କେଉଁ କବିତାର ପଂକ୍ତି ?

Options :

1. ✖ ଶ୍ରୀ ପଳାତକ
2. ✔ ଶ୍ରୀରାଧା
3. ✖ ସଚିତ୍ର ଅନ୍ଧାର
4. ✖ ଅନେକ କୋଠରୀ

Adda247 GET IT ON Google Play

**Question Number : 148 Question Id : 441009989698 Question Type : MCQ**
**Correct Marks : 2 Wrong Marks : 0.66**

ଟି.ଏସ୍. ଇଲିୟଟଙ୍କ 'ଦି ୱେଷ୍ଟଲ୍ୟାଣ୍ଡ'ର ଅନୁସରଣରେ ଓଡ଼ିଆର କେଉଁ କବିତାଟି ରଚିତ ?

**Options :**

1. ✔ କାଳପୁରୁଷ
2. ✖ ସପନତରୀ
3. ✖ ଅସ୍ତରାଗ
4. ✖ ଅପରାଜିତା

**Question Number : 149 Question Id : 441009989704 Question Type : MCQ**
**Correct Marks : 2 Wrong Marks : 0.66**

ଭାନୁଜୀ ରାଓ କେଉଁ କବିତା ଗ୍ରନ୍ଥ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି ?

**Options :**

1. ✖ ଚନ୍ଦନ ବନରେ ଏକା
2. ✔ ନଈ ଆରପାରି
3. ✖ ନୂତନ କବିତା
4. ✖ ଦର୍ପଣ ସାମ୍ନାରେ

**Question Number : 150 Question Id : 441009989699 Question Type : MCQ**
**Correct Marks : 2 Wrong Marks : 0.66**

'ସପ୍ତମ ଋତୁ' କାବ୍ୟରେ ବର୍ଣ୍ଣିତ ସପ୍ତମ ଋତୁଟି କ'ଣ ?

**Options :**

1. ✖ ଆକାଶ
2. ✖ ଅନ୍ୟ ଗ୍ରହ
3. ✔ ମୃତ୍ୟୁ
4. ✖ ଜୀବନ

Adda247